**ସଂକ୍ଷେପରେ**

## ନ୍ୟୁ ଲାଇଫ ଇଂରାଜୀ ବିଦ୍ୟାଳୟର ସଫଳତା

### ଆଇସିଏସ୍‌ସି ଦଶମ ପରୀକ୍ଷାଫଳ

ବିଷମକଟକ,୧୫ା୫(ଡି.ଏନ୍‌.ଏ.)-ଆଇସିଏସ୍‌ସି ଦଶମ ପରୀକ୍ଷାଫଳ ରବିବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ରାୟଗଡ଼ା ଜିଲା ବିଷମକଟକ ନ୍ୟୁ ଲାଇଫ ଇଂରାଜୀ ବିଦ୍ୟାଳୟର ଶତପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି । ୩୯ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ ସେଥିମଧ୍ୟରୁ ୨୧ଜଣ ଫାଷ୍ଟକ୍ଲାସ ସହ ଡିଷ୍ଟିଙ୍କଶନରେ ପାସ୍ କରିଛନ୍ତି। ବିଦ୍ୟାଳୟର ଅର୍ପିତା ପାଢ଼ୀ ୫୬୧ ନମ୍ବର ରଖି ପ୍ରଥମ, ରଜତ କୁମାର ଭାତ୍ରା ୫୫୨ ନମ୍ବର ରଖି ଦ୍ୱିତୀୟ ଏବଂ ବି.ଭବ୍ୟା ରିଷ୍ଠା ୫୫୧ ନମ୍ବର ରଖି ତୃତୀୟ ସ୍ଥାନରେ ଅଛନ୍ତି। କୃତୀ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ଅଧକ୍ଷ ମଳୟ ବେନିୟା ଏବଂ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଶୁଭେଚ୍ଛା ଜଣାଇଛନ୍ତି ।

## ମିଥ୍ୟା ମାମଲା ପ୍ରତ୍ୟାହାର ଦାବିରେ ଡିଆଇଜିଙ୍କୁ ଦାବିପତ୍ର

କୋରାପୁଟ,୧୫ା୫(ସ୍ୱ.ପ୍ର.)-ରାୟଗଡା ଜିଲା ଗୁଣପୁରର ଜଣେ ବରିଷ୍ଠ ଖବରଦାତା ଆର. ପାଢୀଙ୍କ ବିରୋଧରେ ଆକ୍ରୋଶ ମୂଳକ ଭାବେ ଗୁଣୁପୁର ପୋଲିସ୍ କରିଥିବା ମିଥ୍ୟା ମାମଲା ପ୍ରତ୍ୟାହାର କରିବାକୁ ଦାବିକରି ସୋମବାର ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତଙ୍କୁ ଅବିଭକ୍ତ କୋରାପୁଟ ଜିଲା ସାମ୍ବାଦିକ ସଂଘ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘର ଏକ ପ୍ରତିନିଧି ଦଳ ଡିଆଇଜିଙ୍କ ସହ ଆଲୋଚନା କରିଛନ୍ତି। ପ୍ରଥମେ କୋରାପୁଟ ପ୍ରେସ୍ କ୍ଲବଠାରେ ଅବିଭକ୍ତ କୋରାପୁଟ ଜିଲାର ଖବରଦାତାମାନେ ଏକତ୍ରିତ ହେବା ପରେ ସଂଘ ସଭାପତି ଦିଲିପ ମହାନ୍ତିଙ୍କ ଅଧକ୍ଷତାରେ ଏକ ବୈଠକ ହୋଇଥିଲା। ପରେ ବିଭିନ୍ନ ପ୍ଲା-କାର୍ଡ ଓ ବ୍ୟାନର ଧରି ଖବରଦାତାମାନେ ଶୋଭାଯାତ୍ରାରେ ଡିଆଇଜିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ଦେଇଥିଲେ। ବାରମ୍ବାର ଖବରଦାତାଙ୍କ ଉପରେ ପୋଲିସର ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ନେବା ବନ୍ଦ କରିବା, ମିଥ୍ୟା ମାମଲା କରି ସଂପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ହୋଇଥିବା ମିଥ୍ୟା ମାମଲା ୭ ଦିନ ଭିତରେ ପ୍ରତ୍ୟାହାର କରା ନ ଗଲେ ଆଗାମୀ ଦିନରେ ରାଜ୍ୟର ସବୁ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ସଂଘ ପକ୍ଷରୁ କୁହାଯାଇଥିଲା। ଡିଆଇଜି ଖବରଦାତାଙ୍କ ସହ ଆଲୋଚନା କରି ଏ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲା ସଂଘ ସାଧାରଣ ସମ୍ପାଦକ ରାଜେନ୍ଦ୍ର ଗୌଡ, ସଙ୍ଗଠନ ସମ୍ପାଦକ ପରମେଶ୍ୱର ସାହୁ, ଉପଦେଷ୍ଟା ପରୀକ୍ଷିତ ବିଶ୍ୱାଳ, ଶଶଧର ରାଉତ, ଟି. ଗୌରୀ ଶଙ୍କର, ରାଜ୍ୟ ସଙ୍ଗଠନ ସମ୍ପାଦକ ମନୋଜ ପଟ୍ଟନାୟକ,ରାଜ୍ୟ ଉପସଭାପତି ରାଜେଶ ପଟ୍ଟନାୟକ, ରାୟଗଡା ଜିଲା ସଭାପତି ରାଧାକୃଷ୍ଣ ପଟ୍ଟନାୟକ, ଅମିତାଭ୍ ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷାଙ୍କ କାର୍ଯ୍ୟରେ ଯୋଗଦାନ



ମାଲକାନଗିରି,୧୫ା୫(ଡି.ଏନ୍‌.ଏ.)-ଓଡିଶା ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ମାଲକାନଗିରି ଜିଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷା ଭାବେ ସଞ୍ଜୁକ୍ତା ପ୍ରଧାନଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ଏହି ସମିତିର ସଦସ୍ୟ ସଦସ୍ୟ ରୂପେ କିଶୋର ଚନ୍ଦ୍ର ମହାରଣା, କୁଞ୍ଜଲତା ପ୍ରଧାନ, ବିଦ୍ୟୁତ୍ ଭୂଷଣ ବେହେରା, ମନୋଜ କୁମାର ସାହୁ ପ୍ରମୁଖଙ୍କୁ ଚୟନ କରାଯାଇଛି। ସୋମବାର ନୂତନ ସଦସ୍ୟା ସଦସ୍ୟ ଓ ଅଧକ୍ଷା ଦାୟିତ୍ୱ ଗ୍ରହଣ କରିଛନ୍ତି । ଜିଲାରେ ଶିଶୁ ମଙ୍ଗଳ ଓ ସୁରକ୍ଷା ଦିଗରେ ଆଗକୁ କିପରି ଅଧିକ କାର୍ଯ୍ୟ କରାଯାଇ ପାରିବ ଓ ଜନ ସଚେତନତା ଅଣାଯାଇ ପାରିବ ସେ ନେଇ ପ୍ରସ୍ତୁତି ଚାଲିଛି ।

# ପୂର୍ତ୍ତ ବିଭାଗ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି

ରାୟଗଡ଼ା(ସ୍ୱ.ପ୍ର.)/ ରାୟଗଡ଼ା ଅଫିସ,୧୫ା୫



ଭିଜିଲାନ୍ସ ଡିଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ରାୟଗଡ଼ା ପୂର୍ତ୍ତ ବିଭାଗର ଡିଭିଜନ ଓ ସବ୍ ଡିଭିଜନଗୁଡିକରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହେଉଛି। ରାୟଗଡ଼ ଜିଲା ବିକାଶ ମଞ୍ଚ ପକ୍ଷରୁ ଏହାର ଭିଜିଲାନ୍ସ ତଦନ୍ତ ଦାବି କରାଯାଇଛି। ମଞ୍ଚର କର୍ମକର୍ତ୍ତା ଭିଜିଲାନ୍ସ କାର୍ଯ୍ୟାଳୟଠାରେ ଡିଏସ୍‌ପି ସୁରେନ୍ଦ୍ର ରାୟଗୁରୁଙ୍କୁ ସାକ୍ଷାତ କରି ଦାବପତ୍ର ପ୍ରଦାନ କରିଛନ୍ତି। ନିର୍ଦ୍ଦିଷ୍ଟ କେତେଜଣ ଯନ୍ତ୍ରୀଙ୍କ ନାମରେ ଅଭିଯୋଗ କ। ପୂର୍ତ୍ତ ବିଭାଗରେ ହେଉଥିବା ଦୁର୍ନୀତିର ତଦନ୍ତ କରି ସମ୍ପୃକ୍ତ ଯନ୍ତ୍ରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ସରକାରଙ୍କ ଠାରୁ ପ୍ରାପ୍ତ ଅନୁଦାନ ଗୁଡ଼ିକର ବିଭିନ୍ନ କାର୍ଯ୍ୟରେ ୨୫ ପ୍ରତିଶତ କର୍ଯ୍ୟ କରି ୭୫ ପ୍ରତିଶତ ବାଟମାରଣା ହେଉଛି । ମୁଖ୍ୟତଃ ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ବ୍ୟାପକ ଅର୍ଥ ହରିଲୁଟ ହୋଇଛି। ଏହାଦ୍ୱାରା ବିକାଶ କାର୍ଯ୍ୟ ପ୍ରଭାବିତ ହେଉଛି। ଏ ସମ୍ପର୍କରେ କିଛିଦିନ ତଳେ ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇଥଲା। ବିଭାଗ ଦ୍ୱାରା କରାଯାଉଥିବା କାର୍ଯ୍ୟର ଟେଣ୍ଡର ଡକା ନଯାଇ ଯନ୍ତ୍ରୀମାନେ ନିଜ ମନ ମୁତାବକ ଠିକାଦାରଙ୍କ ଜରିଆରେ କାର୍ଯ୍ୟ କରୁଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଏହାର ତଦନ୍ତ ପାଇଁ ରାୟଗଡ଼ା ଜିଲା ବିକାଶ ମଞ୍ଚ ତରଫରୁ ଭିଜିଲାନ୍ସ ନିକଟରେ ଦାବି କରାଯାଇଛି। ଜିଲା ବିକାଶ ମଞ୍ଚ ସଭାପତି ଦୟାନନ୍ଦ ଖାଡାଙ୍ଗାଙ୍କ ନେତୃତ୍ୱରେ ସମ୍ପାଦକ ପ୍ରଶାନ୍ତ ପଟ୍ଟନାୟକ, ଉପଦେଷ୍ଟା ସାରଥୀ ପଟ୍ଟନାୟକ, କୋଷାଧକ୍ଷ ସୁରେଶ ସାହୁ, ସଭ୍ୟ ମନୋଜ କୁମାର ସାହୁ ଓ ସରୋଜ କୁମାର ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ ।

# ରାମନାଗୁଡ଼ାରେ ଯୁଗ୍ମ ଅଭିଯୋଗ ଶୁଣାଣି

ରାମନାଗୁଡ଼ା,୧୫ା୫(ଡି.ଏନ୍‌.ଏ.)

ରାମନାଗୁଡ଼ା ବ୍ଲକ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଯୋଗଦେଇ ମୋଟ ୧୩ଟି ଅଭିଯୋଗ ଗ୍ରହଣ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସେଗୁଡ଼ିକର ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।୧୩ଅଭିଯୋଗ ମଧ୍ୟରୁ୧୦ଟି ବ୍ୟକ୍ତିଗତ ଓ ୩ଟିସାମୁହିକ ଅଭିଯୋଗରହିଥିଲା। ଶିବିରରେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ଜିଲା ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଲାଲ ମୋହନ ରାଉତରାୟ, ଗୁଣପୁର ଉପ ଜିଲାପାଳ ଲଳିତ କୁମାର କହଁର, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ମିଶନ ଡ଼ଃ ଦୟାନିଧି ବାଗ ପ୍ରମୁଖ ଅଭିଯୋଗଗୁଡିକ ଶୁଣାଣି କରିଥିଲେ । ଅଭିଯୋଗ ଶୁଣାଣିରେ ରାମନାଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଭାତୀ ଝଡ଼ିଆ, ଜିଲା ମଙ୍ଗଳ ଅଧିକାରୀ ଅଶୋକ ଶତପଥୀ, ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁରେନ୍ଦ୍ର ଗମାଙ୍ଗ. ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ସମାଜ କଲ୍ୟାଣ ଅଧିକାରୀ ଯାଜ୍ଞସେନି ବେହେରା,ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିକାଶ ରଂଜନ ଦେହୁରୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ ସନ୍ତୋଷ ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

# ଗୁଣପୁର ରଥଯାତ୍ରା ପ୍ରଥମ ପ୍ରସ୍ତୁତି ବୈଠକ

ଗୁଣପୁର, ଗୁଣପୁର.୧୫ା୫(ଡି. ଏନ. ଏ)

ରାୟଗଡା ଜିଲା ଗୁଣପୁର ଉପଜିଲାପାଳଙ୍କ ସଦଭାବନା ଗୃହଠାରେ ରଥଯାତ୍ରା ସମ୍ପର୍କିତ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁଣପୁର ଉପଜିଲାପାଳ ଲଳିତ କୁମାର କହଁର ଅଧକ୍ଷତା କରିଥିବା ବେଳେ ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟଅତିଥି ଓ ପୋରାଧକ୍ଷ୍ୟା ମମତା ଗୌଡ଼, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିକାଶ ଚନ୍ଦ୍ର ଦେହୁରୀ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୁଣପୁର ତହସିଲଦାର ଶରତ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଆସନ୍ତା ଜୁନ ୨୦ରୁ ଆରମ୍ଭ ହେବାକୁ ଥିବା ଘୋଷଯାତ୍ରା ଉପଲକ୍ଷେ ବିଭିନ୍ନ କମିଟି ଗଠନ କରାଯାଇଥିଲା । ରଥ, ରକ ଆଦି ତିଆରି ପାଇଁ କାଠ, ମନ୍ଦିର ରଙ୍ଗ, ଆଲୋକ ସାଜସଜ୍ଜା, ପରିମଳ ବ୍ୟବସ୍ଥା, ଆଇନ ଶୃଙ୍ଖଳା ବ୍ୟବସ୍ଥା ଆଦି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଗୁଣ୍ଡିଚା ମନ୍ଦିରର ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବା, ମିନା ବଜାର ବ୍ୟବସ୍ଥିତ ଭାବେ ବସାଇବା, ଉଠା ଦୋକାନୀଙ୍କୁ ଟିକଟ ପ୍ରଦାନ କରିବା ସହ ସ୍ଥାନ ନିରୂପଣ କରିବା ଆଦି ଆଲୋଚନା ହୋଇଥିଲା। ରଥଯାତ୍ରା ନିମନ୍ତେ ଆଦାୟ ପାଣ୍ଠି କମିଟି ଅଧୀନରେ ରଖି ଖର୍ଚ୍ଚ କରିବା ସହ ପାଣ୍ଠି ଆଦାୟ ତ୍ୱରାନ୍ୱିତ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ବୈଠକରେ ପୌର ନିର୍ବାହୀ ଅଧିକାରୀ, ଉପଖଣ୍ଡ ଚିକିତ୍ସା ଅଧିକାରୀ, ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ବିଦ୍ୟୁତ ବିଭାଗ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ କୋଠାବାଡ଼ି, ଥାନା ଅଧିକାରୀ, ବନଖଣ୍ଡ ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଗୁଣପୁର ପୌର ଉପାଧକ୍ଷ ଶିବ ପ୍ରସାଦ ଗୌଡ଼, ଅକ୍ଷୟ ଦାସ, ଉମା ଦାସ, ସୁଦାମ ପାଢ଼ୀ, ଗୁପ୍ତ ପ୍ରସାଦ ରଥ ଶର୍ମା, ଗୁକୁନା ରଥ ପ୍ରମୁଖ ଉପସ୍ଥିତ ଥିଲେ ।

# ଆବାସ ଯୋଜନା ହିତାଧିକାରୀଙ୍କ ପାଇଁ ସାମାଜିକ ସମୀକ୍ଷା



ମାଲକାନଗିରି,୧୫ା୫(ଡି.ଏନ୍‌.ଏ.)

ମାଲକାନଗିରି ପୌର ପରିଷଦରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ହିତାଧିକାରୀଙ୍କ ପାଇଁ ଏକ ସାମାଜିକ ସମୀକ୍ଷା ଆୟୋଜିତ ହୋଇଯାଇଛି । ଏଥିରେ ପୌର ପରିଷଦର ଅଧକ୍ଷ ମନୋଜ କୁମାର ବାରିକ ଅଧକ୍ଷତା କରିଥିବା ବେଳେ ଉପାଧକ୍ଷା କବିତା ମାହୁନ୍ତ, କାର୍ଯ୍ୟନିର୍ବାହୀ ଅଧିକାରୀ କାହ୍ନୁଚରଣ ପଟ୍ଟନାୟକ, ଲାଇଫ ଏକାଡ଼େମୀ ଅଫ ଭୋକେଶନାଲ ଷ୍ଟଡ଼ିଜର କର୍ମକର୍ତ୍ତା ମୁରଲୀଧର ବରାଡ଼ ଉପସ୍ଥିତ ଥିଲେ। ଏହି ଅବସରରେ ନଥିପତ୍ର ସମୀକ୍ଷା, ଗୋଷ୍ଠୀଗତ ଆଲୋଚନା, ସାକ୍ଷାତକାର, ମୁଖ୍ୟ ସୂଚନା ସାକ୍ଷାତକାର, ଜନ ଶୁଣାଣି ଭଳି ୫ଟି ଉପ କମିଟି ଗଠନ କରାଯାଇ, ସାମାଜିକ ସମୀକ୍ଷା କରାଯିବ ବୋଲି ସୂଚନା ଦିଆଯାଇଛି। ଆଗାମୀ ଦିନରେ ଏହି ଯୋଜନାର ଜନ ଶୁଣାଣି କରାଯିବ ଓ ଡିପିଆର, କେସ ରେକର୍ଡର ଅବିକଳ ନକଲ ଗ୍ୟାପ ଅନାଲିସିସ କରାଯାଇ କର୍ମଶାଳା ସମାପ୍ତ କରାଯିବ ବୋଲି ସୂଚନା ଦିଆଯାଇଛି । କାର୍ଯମକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଯୋଜନାର ଜେଇ ଶୁଭକାନ୍ତ ଜେନା, ଜେଇ କରଣ ବୁରୁଦା, ଏସ ସଭାପତି କେ.ରାହୁଲ ପ୍ରମୁଖଙ୍କ ସହ ସମସ୍ତ ୱାର୍ଡ ପରିଷଦର ସଭ୍ୟ/ସଭ୍ୟା, ହିତାଧିକାରୀ, ପରିଷଦର କର୍ମଚାରୀ, ବିଭିନ ୱାର୍ଡରୁ ଆସିଥିବା ବାସିନ୍ଦା ମାନେ ଉପସ୍ଥିତ ଥିଲେ ।

# ବିଜେଡିରେ ମିଶିଲେ ଖାଣ୍ଡା ସରପଞ୍ଚ

ଉମରକୋଟ, ୧୫ା୫(ସ୍ୱ.ପ୍ର.)



ବିଜେଡିରେ ମିଶିଥିବା ସରପଞ୍ଚ ।

ଭାଜପା ସମର୍ଥିତ ନବରଙ୍ଗପୁର ଜିଲା ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀର ଉମରକୋଟ ବ୍ଲକ ଖାଣ୍ଡା ସରପଞ୍ଚ ରମେଶ ଭତ୍ରା ସୋମବାର ସନ୍ଧ୍ୟାରେ ବିଜେଡିରେ ମିଶିଛନ୍ତି। ସନ୍ଧ୍ୟାରେ ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ଉମରକୋଟସ୍ଥିତ ବାସ ଭବନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଏମପି ସରପଞ୍ଚ ରମେଶଙ୍କୁ ଦଳୀୟ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ଝରିଗାଁ ବିଧାୟକ ପ୍ରକାଶଚନ୍ଦ୍ର ମାଝି, ରାଜ୍ୟ ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ବ୍ଲକ ବିଜେଡି ସଭାପତି ଅଜିତ ପ୍ରଧାନ, ଉମରକୋଟ ପୌର ଉପାଧକ୍ଷ ସୁଧାଂଶୁ ଦାଶ, ବାପି ସିଲ୍, ଚନ୍ଦନ ବେହେରା, ଖାଣ୍ଡା ପୂର୍ବତନ ସରପଞ୍ଚ ବାସୁ ପୁଜାରୀ, ଝରିଗାଁ ବିଧାୟକଙ୍କ ପ୍ରତିନିଧି ରାମଧର ପୁଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଏମପି, ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀଙ୍କ ଆଦର୍ଶ ଭାବମୂର୍ତ୍ତି ଓ ବିଜେଡି ପକ୍ଷରୁ ଅଞ୍ଚଳରେ କରାଯଉଥିବା ବିକାଶରେ ଅନୁପ୍ରାଣିତ ହୋଇ ଦଳରେ ମିଶିଲି ବୋଲି ରମେଶ କହିଛନ୍ତି।

# ଗୁରୁଚାନ୍ଦ ଆମ୍ବେଡକର ଚେତନା ମଞ୍ଚର ଏସ୍‌ପିଙ୍କୁ ଦାବିପତ୍ର

ମାଲକାନଗିରି,୧୫ା୫(ଡି.ଏନ୍‌.ଏ.)



ଦାବିପତ୍ର ଦେବାକୁ ଆସିଥିବା ମଞ୍ଚର ସଦସ୍ୟମାନେ ।

ମାଲକାନଗିରି ଜିଲା ଗୁରୁଚାନ୍ଦ ଆମ୍ବେଡକର ଚେତନା ମଞ୍ଚ ପକ୍ଷରୁ ସୋମବାର ମତୁଆ ଧର୍ମାବଲମ୍ବିଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ ଦାବିରେ ଜିଲା ପ୍ରଶାସନ ଓ ଆରକ୍ଷୀ ଅଧିକକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି ଯେ, ଦେଶରେ ବର୍ତ୍ତମାନ ମତୁଆ ସମ୍ପ୍ରଦାୟର ପ୍ରାୟ ୮ରୁ ୧୦ କୋଟି ଲୋକ ରହୁଛନ୍ତି। ହିନ୍ଦୁ ଧର୍ମରେ ଯେତେବେଳେ ଉକ୍ରଟ ଜାତି ପ୍ରଥା ଥିଲା, ଏହାର ସଂସ୍କାର ପାଇଁ ହରିଚାନ୍ଦ ଠାକୁର ମତୁଆ ଧର୍ମକୁ ପ୍ରତିଷ୍ଠା କରି ଜାତିଭେଦ ଦୂର ପାଇଁ ଚେଷ୍ଟା କରିଥିଲେ। ଏଥିସହିତ ତାଙ୍କ ପୁଅ ଗୁରୁଚାନ୍ଦ ଠାକୁର ଶିକ୍ଷା ଆନ୍ଦୋଳନ କରି ଶିକ୍ଷାରୁ ବଞ୍ଚିତ ଥିବା ନମସୁଦ୍ର ମାନଙ୍କୁ ବିଦ୍ୟାଳୟ ସ୍ଥାପିତ କରି ଶିକ୍ଷାର ଅଧିକାର ଦେଇଥିଲେ। ଏହି ପରମ୍ପରାରେ ଅନୁପ୍ରାଣିତ ହୋଇ ସବୁ ବର୍ଗର ଲୋକ ପ୍ରଚଳିତ ମତୁଆ ଧର୍ମରେ ଦିକ୍ଷିତ ହୋଇଥିଲେ। ଏହି ଧର୍ମରେ କୌଣସି ଜାତି ପ୍ରଥା ନାହିଁ, ସବୁ ମଣିଷ ସମାନ । ମତୁଆମାନେ ବିଶେଷ କରି ଗୁରୁ ଗୋସାଇଁଙ୍କ ଆଦେଶ ଅନୁସାରେ ଏବଂ ତାଙ୍କ ଦ୍ୱାରା ନିର୍ଦ୍ଧାରିତ ଧାର୍ମିକ କ୍ରିୟାନୁଷ୍ଠାନ ଅନୁସାରେ କରିଥାନ୍ତି । ମତୁଆ ଧର୍ମରେ ଯେଉଁ ପୂଜା ପାଠ ହୁଏ ସେଥିରେ ଧର୍ମୀୟ ମତ ଅନୁଯାୟୀ ଦୀକ୍ଷା ଗୁରୁଙ୍କ ସହଯୋଗରେ ସବୁ ପ୍ରକାର ସାମାଜିକ କର୍ମକାଣ୍ଡ ଅନୁଷ୍ଠିତ ହୋଇଥାଏ। ତେବେ ମାଲକାନଗିରି ଜିଲ୍ଲାରେ ମଧ ଏହି ମତୁଆ ସମ୍ପ୍ରଦାୟର ଲୋକମାନେ ବସବାସ କରୁଥିବା ବେଳେ ଏହି ପ୍ରଥାକୁ ପାଳନ କରୁଥିବା ଲୋକେ ବ୍ରାହ୍ମଣ ବର୍ଜିତ କର୍ମକାଣ୍ଡ କଲେ ଗ୍ରାମ କମିଟି ତରଫରୁ ମତୁଆ ପରିବାରକୁ ଗ୍ରାମରୁ ବାସନ୍ଦ କରି ନାନା ନିର୍ଯାତନା ଦିଆଯାଉଛି । ଉକ୍ତ ପରିବାରକୁ ଅନେକ ଥର ଅର୍ଥ ଜରିମାନା କରାଯାଇଛି। ଡେଜରାତି ଦୋକାନରୁ ସଉଦା ନୋଲ ସମ୍ପୃକ୍ତ ଦୋକାନୀଙ୍କୁ ଏକ ହଜାର ଟଙ୍କା ଜରିମାନା କରାଯାଉଛି। ଗ୍ରାମ ପୋଖରୀରୁ ମାଛ ଧରିଲେ ଭାଗ ଦିଅନ୍ତି ନାହିଁ। ଏହିଭଳି ମାନସିକ ନିର୍ଯାତନା ଦେଇ ମତୁଆ ଧର୍ମକୁ ଅପମାନିତ କରାଯାଉଛି ବୋଲି ଅଭିଯୋକରିଛନ୍ତି ଏହି ସମ୍ପ୍ରଦାୟର ଲୋକେ। ନିର୍ଯାତନା ସମ୍ପର୍କରେ ମତୁଆ ସମ୍ପ୍ରଦାୟର ପରିବାର ସ୍ଥାନୀୟ ଥାନାରେ ଅଭିଯୋଗ କଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଥାନାରେ ଉଭୟ ପକ୍ଷକୁ ଡାକି ମୀମାଂଶା କଲେ ମଧ ଗ୍ରାମର ଖାପ ପଞ୍ଚାୟତର ଦୌରାତ୍ମ୍ୟ ଯୋଗୁ ଏମାନେ ନାନା ସମସ୍ୟା ଭୋଗୁଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ଜିଲା ଗୁରୁଚାନ୍ଦ ଆମ୍ବେଦକର ଚେତନା ମଞ୍ଚ ପକ୍ଷରୁ ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ମହେଶର ଚନ୍ଦ୍ର ନାୟକ ଓ ଆରକ୍ଷୀ ଅଧିକକ ନିତେଶ ୱାଧୱାନିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି।

# କ୍ଷତ୍ରିୟ, ପଣ୍ଡ କ୍ଷତ୍ରିୟଙ୍କୁ ଏସଇବିସି ତାଲିକାରେ ସାମିଲ ଦାବି



ଜିଲାପାଳ କାର୍ଯ୍ୟାଳୟକୁ ଆସିଥିବା ଗ୍ରାମବାସୀ ।

ମାଲକାନଗିରି,୧୫ା୫(ଡି.ଏନ୍‌.ଏ.)

ମାଲକାନଗିରି ଜିଲା ଗୋରାଖୁଣ୍ଟା ପଞ୍ଚାୟତ ଅନ୍ତର୍ଗତ ଏମପିଭି-୯, ଏମ୍‌ଭି ୨୦, ଏମ୍‌ଭି ୨୧ ଗ୍ରାମର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କ୍ଷତ୍ରିୟ ଓ ପଣ୍ଡ କ୍ଷତ୍ରିୟ ଜାତିର ଲୋକେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । କ୍ଷେତ୍ରୀୟ ଓ ପଣ୍ଡ କ୍ଷେତ୍ରୀୟ ଜାତିର ପରିବାର ଓଡ଼ିଶା ସରକାରଙ୍କ ଦ୍ୱାରା ଏସଇବିସିରେ ଅନ୍ତର୍ଭୁକ୍ତ ପାଇଁ ବିଗତ ଦିନରେ ଏକ ତାଲିକା ପ୍ରକାଶିତ ହୋଇଥିଲା। କିନ୍ତୁ ଏବେ ଏସଇବିସି ସର୍ଭେ ବେଳେ ସ୍ଥାନୀୟ ଗୋରାଖୁଣ୍ଟା ପଞ୍ଚାୟତର ବିଦ୍ୟାଳୟର ସିଆରସିସି କ୍ଷତ୍ରିୟ ଓ ପଣ୍ଡ କ୍ଷତ୍ରିୟ ପରିବାର ଗୁଡିକ ଏସଇବିସି ତାଲିକାରେ ସାମିଲ ହୋଇପାରିବ ନାହିଁ ବୋଲି ମନା କରିଦେଇଥିଲେ। ତେବେ ଏହି କରଣରୁ କ୍ଷତ୍ରିୟ ଓ ପଣ୍ଡ କ୍ଷତ୍ରିୟ ପରିବାର ଶିକ୍ଷା କ୍ଷେତ୍ରରେ ହେଉ କିମ୍ବା କୌଣସି ସରକାରୀ ସୁବିଧା ପାଇବାରେ ବଞ୍ଚିତ ହେଉଛନ୍ତି। ତେଣୁକ୍ଷେତ୍ରୀୟ ଓ ପଣ୍ଡ କ୍ଷେତ୍ରୀୟ ପରିବାର ଏକତ୍ରିତ ହୋଇ ଏସଇବିସି ତାଲିକାରେ ଯୋଗ କରିବାକୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ଦେଇଛନ୍ତି ।

# ୪ ଦିନହେଲା ପୁଅ ନିଖୋଜ, ଥାନାର ଦ୍ୱାରସ୍ଥ ହେଲେ ବାପା

ଜୟପୁର, ୧୫ା୫ (ନି.ପ୍ର.)



ଜୟପୁର ଆଇଟିଡିଏ ଅଫିସରେ ଏସ୍‌ଏମ୍‌ଏସ୍ ପୋଷ୍ଟରେ ରହି ଭିତିଭିକେ ଯୋଜନାରେ କାର୍ଯ୍ୟ କରୁଥିବା ନିରଞ୍ଜନ ବାଘ ଗତ ୪ଦିନ ହେବ ନିଖୋଜ ହୋଇଯାଇଛନ୍ତି। ଏନେଇ ତାଙ୍କ ବାପା ସହଦେବ ସୋମବାର ଟାଉନ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ନିରଞ୍ଜନ ଶୁକ୍ରବାରଠାରୁ ଅଫିସ ଅସି ନ ଥିବା ତାଙ୍କ ଅଫିସ ପକ୍ଷରୁ କୁହାଯାଇଛି। ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଞ୍ଚଳର ନିରଞ୍ଜନ ୨୦୨୨ରୁ ଜୟପୁର ଆଇଟିଡିଏରେ ଚାକିରି କରିବା ପରେ ପାରାବେଢାଠାରେ ଏକ ଭଡାଘର ନେଇ ରହି ଆସୁଥିଲେ। ଶୁକ୍ରବାର ସେ ରହୁଥିବା ଘରୁ ବାହାରି ସ୍କୁଟିରେ ଯାଇଥିବା ବେଳେ ତା'ପରଠାରୁ ତାଙ୍କର କିଛି ଖବର ମିଳୁନାହିଁ। ତାଙ୍କ ନିକଟରେ ଥିବା ମୋବାଇଲ ଫୋନ ସୁଇଚ୍ ଅଫ୍ ରହିଛି । ବହୁ ଖୋଜାଖୋଜି ପରେ ପୁଅର କିଛି ଖବର ନ ପାଇବାରୁ ସହଦେବ ଶେଷରେ ଥାନାର ଆଶ୍ରୟ ନେଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ନିଖୋଜ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସମ୍ବିତ ବେହେରା କହିଛନ୍ତି।

# ପୋଲିସ ପହଞ୍ଚିବା ପୂର୍ବରୁ ପରିବାର ଲୋକେ ନେଇଗଲେ ମୃତଦେହ

ନନ୍ଦପୁର, ୧୫ା୫ (ଡି.ଏନ.ଏ.)

ନନ୍ଦପୁର ବ୍ଲକ ଥିବା ପଞ୍ଚାୟତ ପାତ୍ରପଣ୍ଡି ଗ୍ରାମ ନିକଟ ବିଶାଖାପାଟଣା-କିରାଣ୍ଡୁଳ ରେଳ ଧାରଣାରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ସୋମବାର ଦେଖିବାକୁ ମିଳିଥିଲା। ତେବେ ରେଳବାଇ ପୋଲିସ ପହଞ୍ଚି ଏହାକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇବା ପୂର୍ବରୁ ପରିବାର ଲୋକେ ପହଞ୍ଚି ମୃତଦେହ ନେଇଯାଇ ସଂସ୍କାର କରିଦେଇଥିବା ଜଣାପଡିଛି। ଫଳରେ ଯୁବକଙ୍କ ମୃତ୍ୟୁ ନେଇ ସନ୍ଦେହ ପ୍ରକାଶ ପାଇଛି। ମୃତକ ହେଉଛନ୍ତି ନିକଟସ୍ଥ ଗଉଡପୁଟ ଗ୍ରାମର ଅର୍ଜିତ ଗୁଣ୍ଟା। ସୋମବାର ସକାଳୁ ସ୍ଥାନୀୟ ଲୋକେ ରେଳଧାରଣାରେ ମୁଣ୍ଡଗଣ୍ଡି ଅଲଗା ହୋଇ ଏକ ମୃତଦେହ ପଡିଥିବା ଦେଖି ଯୁବକ ଜଣକ ଆତ୍ମହତ୍ୟା କରିଥିବା ସନ୍ଦେହ କରିଥିଲେ। ତେବେ ମୃତଦେହ ନିକଟରେ ଟୋପାଏ ମଧ ରକ୍ତ ପଡି ନଥିବା ଦେଖି କୋରାପୁଟ ରେଳବାଇ ପୋଲିସକୁ ସୂଚନା ଦେଇଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚିବା ପୂର୍ବରୁ ପରିବାର ଲୋକେ ପହଞ୍ଚି ମୃତଦେହ ଗ୍ରାମକୁ ନେଇଯାଇଥିଲେ। ଏନେଇ କୋରାପୁଟ ରେଳବାଇ ଥାନାରେ ପୋଲିସ ଏକ ଷ୍ଟେସନ ଡ଼ାଇରି କରିଛି। ଆଗାମୀ ଦିନରେ କିଛି ଅଭିଯୋଗ ଆସିଲେ ଏହାର ତଦନ୍ତ କରାଯିବ ବୋଲି କହିଛି।

# ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ମାଥିଲି,୧୫ା୫(ଡି.ଏନ୍‌.ଏ.)

**୩ ବର୍ଷ ହେଲା ରୋଗଶଯ୍ୟାରେ ମାଧବ**



ମାଧବ ମାଝି ବୟସ ପାଖାପାଖି ୬୫ ହେବ । ମାଲକାନଗିରି ଜିଲା ମାଥିଲି ବ୍ଲକ ଦୁଙ୍ଗିଆପୁଟ ପଞ୍ଚାୟତ ଅନ୍ତର୍ଗତ ପାତ୍ରପୁଟ ଗ୍ରାମର ମାଧବ ମାଝି। ବୟସ ୬୫ ଛୁଇଁଲାଣି। ଗତ ୩ ବର୍ଷ ହେଲା ସେ ରୋଗଶଯ୍ୟାରେ ପଡି ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ଅର୍ଥାଭାବ ଯୋଗୁ ତାଙ୍କର ଚିକିତ୍ସା ହୋଇପାରୁନାହିଁ। ସ୍ତ୍ରୀ ଲଛମା(୬୦)ଙ୍କ ଉପରେ ପରିବାରର ବୋଝ । ମାଧବଙ୍କ ବିଷୟରେ ସମସ୍ତେ ଅବଗତ କରିଥିଲେ ମଧ ନା ଜିଲା ପ୍ରଶାସନ କେହି ବି ସହଯୋଗର ହାତ ବଢ଼ାଇ ନାହାନ୍ତି ।

ସ୍ତ୍ରୀ ଲଛମା, ୨ ଝିଅ ଓ ଗୋଟିଏ ପୁଅକୁ ନେଇ ମାଧବଙ୍କ ପରିବାର। ମାଧବ ଭଲ ଥିବାବେଳେ କାମକରି ପରିବାର ପ୍ରତିପୋଷଣ କରୁଥିଲେ। ହଠାତ୍ ସେ ଅଜଣା ରୋଗରେ ପଡ଼ିଲେ। ବାପା ରୋଗରେ ପଡ଼ିବାରୁ ପୁଅ ବିଷ୍ଣୁ ଘର ଚଳାଉଥିଲେ। ମାଧବଙ୍କ ଯତ୍ନ ନେଉଥିଲେ। ମାଥିଲି ଥାନାରେ ହୋମ୍‌ଗାର୍ଡ ଭାବେ କାର୍ଯ୍ୟରତ ଥିଲେ ୩ ବର୍ଷ ତଳେ କୌଣସି କାରଣରୁ ତାଙ୍କର ମୃତ୍ୟୁ ହୋଇଥିଲା। ସେବେଠାରୁ ଆଉ ମାଧବଙ୍କ ଚିକିତ୍ସା ହୋଇପାରୁନାହିଁ। ଅର୍ଥାଭାବ ସାଜିଛି ମୁଖ୍ୟ ପ୍ରତିବନ୍ଧକ। ଏଣେ ମାଧବଙ୍କୁ ଘରେ ଏକାକୀ ଛାଡ଼ି ବାହାରକୁ କାମ କରିବାକୁ ଯାଇପାରୁନାହାନ୍ତି ସ୍ତ୍ରୀ ଲଛମା। ସ୍ୱାସ୍ଥ୍ୟ ଖରାପ ହେବା ପରେ ମାଧବଙ୍କୁ ପ୍ରଥମେ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଭଲ ନ ହେବାରୁ ସାହି ପଡ଼ିଶାଙ୍କଠାରୁ ଧାରକରଜ କରି ପରିବାର ଲୋକେ କୋରାପୁଟ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ବିଶାଖାପାଟଣା ନେବା ପାଇଁ ପରାମର୍ଶ ଦେଇଥିଲେ । ପାଖରେ ଅର୍ଥ ନ ଥିବାରୁ ଘରକୁ ଫେରି ଆସିଥିଲେ। ସେବେଠାରୁ ଏ ପର୍ଯ୍ୟନ୍ତ ଶଯ୍ୟାରେ ପଡି ରହିଛନ୍ତି ମାଧବ। ଜିଲା ପ୍ରଶାସନ କିମ୍ବା କୌଣସି ବଦାନ୍ୟ ବ୍ୟକ୍ତି ତାଙ୍କୁ ସହଯୋଗ କଲେ ତାଙ୍କ ପରିବାର ଉପକୃତ ହୋଇପାରନ୍ତେ ବୋଲି କହନ୍ତି ଗ୍ରାମବାସୀ।

# ଡାକଘର ସମ୍ମୁଖରେ ଧାରଣାରେ ବସିଲେ ଜମାକାରୀ

ନାରାୟଣପାଟଣା, ୧୫ା୬(ଡି.ଏନ.ଏ.)



ଧାରଣାରେ ବସିଥିବା ଜମକାରୀ।

**ଡାକଘରେ ଜମାଟଙ୍କା ହଡ଼ପ ଘଟଣା**

ନାରାୟଣପାଟଣା ଉପ ଡାକଘରେ ଟଙ୍କା ସଞ୍ଚୟ କରି ଠକାମିର ଶିକାର ହୋଇଥିଲେ ଅନେକ ଜମାକାରୀ। ଉକ୍ତ ଟଙ୍କାକୁ ଡାକ ବିଭାଗର ଜଣେ ଚତୁର୍ଥ ଶ୍ରେଣୀ ଅସ୍ଥାୟୀ କର୍ମଚାରୀ ବୃନ୍ଦାବନ ଦଳେଇ ନକଲି ପାସ ବୁକ ପ୍ରସ୍ତୁତ କରି ଉକ୍ତ ବହିରେ ନିଜେ ଲେଖି ଦେଇ ଟଙ୍କା ଜମା ଥିବା ଜମାକାରୀଙ୍କ ବିଶ୍ୱାସ ଜନ୍ମାଇ ଆସୁଥିଲେ। ଏହାର ଧରପଗଡ ହେବା ପରେ ସେ ଫେରାର୍ ହୋଇଯାଇଥିଲେ। ଅଭିଯୋଗ ପରେ ଗତ ୮ ମାସ ତଳେ ପୋଲିସ ବୃନ୍ଦାବନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ଡାକ ବିଭାଗର ଅଧିକାରୀମାନେ ଆସି ଘଟଣାର ତଦନ୍ତ କରି ଫେରିଥିଲେ। ତଦନ୍ତ ବେଳେ ଠାକାମିର ଶିକାର ହୋଇଥିବା ଜମାକାରୀଙ୍କୁ ଟଙ୍କା ମିଳିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ତେବେ ପ୍ରତିଶ୍ରୁତିର ପ୍ରାୟ ୧୪ ମାସ ବିତିବାକୁ ବସିଥିବା ବେଳେ ଏପର୍ଯ୍ୟନ୍ତ ଜମାକାରୀଙ୍କୁ ଟଙ୍କାଟିଏ ମଧ ମିଳିନାହିଁ। ଫଳରେ ଏହାର ପ୍ରତିବାଦରେସୋମବାର ଡାକଘର ସମ୍ମୁଖରେ ଜମାକାରୀମାନେ ଧାରଣା ଦେଇ ଡାକ ଘରକୁ ଅଚଳ କରିଦେଇଥିଲେ। ଯାହାଦ୍ୱାରା ୧୧ଟା ଠାରୁ ପ୍ରାୟ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଡାକ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ବନ୍ଦ ରହିଥିଲା। ଆମ ଟଙ୍କା ପାଇବା ପର୍ଯ୍ୟନ୍ତ କାର୍ଯ୍ୟାଳୟକୁ ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏପରି ଧାରଣା ଦେବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଡାକ ବିଭାଗ ଉପରିସ୍ଥ ଅଧିକାରୀ କହିଛନ୍ତି, କ୍ଷୁଦ୍ର ଜମାକାରୀ ସେମାନଙ୍କ ଟଙ୍କା ଫେରି ପାଇଛନ୍ତି। ଅନ୍ୟ ଜମାକାରୀ ସେମାନଙ୍କ ଟଙ୍କା କିପରି ଫେରି ପାଇବେ ତାହାର ପ୍ରକ୍ରିୟା ଚାଲିଛି। ବିଳମ୍ବ ହେଲେ ମଧ ଜମାକାରୀଙ୍କୁ ସେମାନଙ୍କ ଜମାରାଶି ମିଳିବ। ତେବେଏହିପରି ଭାବେ ଡାକଘରକୁ ବନ୍ଦ କରି ପ୍ରତିବାଦ କରିବା ଠିକ୍ ନୁହେଁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଉପଜିଲାପାଳଙ୍କ ସମୀକ୍ଷା ବୈଠକ

ଜୟପୁର, ୧୫ା୫ (ନି.ପ୍ର.)- ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ରବି ଫସଲ ପାଇଁ ସୋମବାର ସେଟଲାଇଟ ସର୍ଭେ ଓ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟର ଯାଞ୍ଚ ଉପରେ ସମୀକ୍ଷା କରାଯାଇଛି। ଏହି ବୈଠକରେ ଉପ ଜିଲାପାଳ ବେଦବର ପ୍ରଧାନ, ଜିଲା ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡା, ସହକାରୀ ଜିଲା ଯୋଗାଣ ଅଧିକାରୀ ସୁଶୀଳ ଜେନା, ଡିଆର୍‌ସିଏସ୍ ଭବାନୀ ପ୍ରସାଦ, ଏଆରସିଏସ୍ ପ୍ରତୀତା ଜେନା, ତହସିଲଦାର ସାଗରିକା ଷଡଙ୍ଗୀ, ଲ୍ୟାମ୍ପସ ଏମଡି, ମିଶନଶକ୍ତି ଓ ପାଣି ପଞ୍ଚାୟତର ସମ୍ପାଦକମାନେ ଉପସ୍ଥିତ ଥିଲେ।

### ଫେରାର ୨ ଅଭିଯୁକ୍ତ ଗିରଫ

ଜୟପୁର, ୧୫ା୫ (ନି.ପ୍ର.)- ଦୀର୍ଘଦିନ ହେଲା ଫେରାର ଥିବା ୨ ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ସୋମବାର ଗିରଫ କରିଛି। ସେମାନେ ହେଲେ ବିଷେୟୀପୁଟର ଜଗନ୍ନାଥ କନ୍ଦପାନ (୩୭) ଓ ମୁଳାସର ଗ୍ରାମର ଲେଲି ହରିଜନ (୫୩) । ଜଗନ୍ନାଥ ଓ ଲେଲିଙ୍କ ନାମରେ ସଦର ଥାନାରେ ଅପରାଧିକ ମାମଲା ରହିଥିଲା। ମାମଲା ହେବା ଦିନଠାରୁ ଉଭୟେ ଫେରାର ଥିଲେ। ସୋମବାର ସେମାନେ ନିଜ ଗ୍ରାମରେ ଥିବା ସୂଚନା ପାଇ ପୋଲିସ ସେମାନଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### ଅଧିକ ଦରରେ ବିଦେଶୀ ମଦ ବିକ୍ରି ଅଭିଯୋଗ

ଏମ୍‌ଭି ୭୯,୧୫ା୫(ଡି.ଏନ.ଏ.)- ମାଲକାନଗିରି ଜିଲା ଏମ୍‌ଭି-୭୯ଠାରେ ଥିବା ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନ ଗ୍ରାହକଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଧାର୍ଯ୍ୟ ଦର ଅପେକ୍ଷା ଅଧିକ ଦରରେ ମଦ ବିକ୍ରି କରୁଛି, ଯାହାର ଦାମ୍ ୧୫୦ ଟଙ୍କା ତାହାକୁ ୧୭୦ ଟଙ୍କାରେ ବିକ୍ରି ହେଉଛି। ଏହାର ପ୍ରତିବାଦ କଲେ ଇଚ୍ଛା ପାଇଲେ ନିଅ, ନ ହେଲେ ନାହିଁ ବୋଲି ସମ୍ପୃକ୍ତ ଦୋକାନର ମ୍ୟାନେଜର କହୁଛନ୍ତି। ଏହାର ବିଲ୍ ମାଗିଲେ ମଧ ସମ୍ପୃକ୍ତ ଦୋକାନ ପକ୍ଷରୁ ଗ୍ରାହକଙ୍କୁ ପ୍ରଦାନ କରାଯାଉନାହିଁ। ଏଥିପ୍ରତି ଅବକାରୀ ବିଭାଗ କର୍ମଚାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଡାକ୍ତରଙ୍କ ଘରୁ ଚୋରି ଘଟଣାରେ ୩ ଗିରଫ

ସେମିଲିଗୁଡା/ସୁନାବେଡା,୧୫ା୫ (ସ୍ୱ.ପ୍ର.) ସେମିଲିଗୁଡା ସରସ୍ୱତୀ ନଗରରେ ରହୁଥିବା ଜଣେ ଡାକ୍ତରଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଥିଲା। ପରିବାର ଲୋକଙ୍କ ଅନୁପସ୍ଥିତିର ସୁଯୋଗ ନେଇ କେତେ ଜଣ ଦୁର୍ବୃତ୍ତ ଘର ପଛପଟ ଗେଟ୍ ଭାଙ୍ଗି ଘରେ ପଶି ଚୋରି କରିଥିଲେ । ଏନେଇ ସେମିଲିଗୁଡା ଥାନାରେ ଅଭିଯୋଗ ପରେ କେସ୍ ନଂ. ୫୭/୨୩ରେ ଏକ ମାମଲା ରୁଜୁ କରି ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର ତଦନ୍ତ ଜାରି ରଖିଥିଲେ। ତେବେ ଏହି ଘଟଣାରେ ସୋମବାର ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେମାନେ ହେଲେ ସେମିଲିଗୁଡା କୈଳାସ ନଗରର ଶାନ୍ତିରାଜ ହିଆଲ(୨୮),ସେମିଲିଗୁଡା ଗୁରୁଦ୍ୱାର ଅଞ୍ଚଳର ଶ୍ୟାମ ବାହାଦୂର(୨୮) ଓ ସେମିଲିଗୁଡା ପ୍ରେସ୍ କ୍ଲବ କଲୋନୀର ଜିତେନ୍ଦ୍ର ମହାନ୍ତି(୩୫)। ସେମାନଙ୍କଠାରୁ ଚୋରି ଜିନିଷ ଜବତ ହୋଇଛି। ବାଲି ପୋଲିସ ସୂଚନା ଦେଇଛି । ଏଥିସହ ସେମାନଙ୍କଠାରୁ ଗୋଟିଏ ବାଇକ୍ (ଓଆର ୧୦ ଜେ- ୨୮୭୫), ଗୋଟିଏ ମାଇକ୍ରୋଟେକ୍ ଇନଭର୍ଟର୍ ଓ ଗୋଟିଏ ଲୁମିନସ ବ୍ୟାଟେରି ଜବତ କରାଯାଇଥିବା ଥାନା ଅଧିକାରୀ ମହାପାତ୍ର କହିଛନ୍ତି।

# ପାନୀୟଜଳ, ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ

ପଟ୍ଟାଙ୍ଗି,୧୫ା୩(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳ ଏବଂ ଏସ୍‌ପି ମିଳିତ ଜନଶୁଣାଣି କରିଛନ୍ତି। ଏହି ଶୁଣାଣି ଶିବିରରେ ପାନୀୟଜଳ ଓ ରାସ୍ତା ନିର୍ମାଣ ଉପରେ ଉଭୟେ ଗୁରୁତ୍ୱ ଦେଇଥିଲେ। ମୋଟ ୭୧ଟି ଅଭିଯୋଗର ଶୁଣାଣି ହୋଇଥିଲା। ବ୍ଲକ ସଦର ପଞ୍ଚାୟତର ୪ନଂ. ୱାର୍ଡ ପଡ଼ାଗୁଡ଼ା ଗ୍ରାମକୁ ଜାତୀୟ ରାଜପଥରୁ ସଂଯୋଗ ହୋଇଥିବା ରାସ୍ତା ଶୋଚନୀୟ ହୋଇ ପଡ଼ିଲାଣି। ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବା ୱାର୍ଡ ସଭ୍ୟା ସନାଦେଈ ପଡାଲ ଶିବିରରେ ଜିଲାପାଳ ଅବ୍‌ଦାଲ ଏମ୍. ଅଖତରଙ୍କ ସାକ୍ଷାତକରି ଅଭିଯୋଗ କରିଥିଲେ । ଜିଲାପାଳ ଉକ୍ତ ରାସ୍ତାର ଖୁବ୍ ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲାପାଳ ତାଙ୍କୁ ପ୍ରତିଶ୍ରୁତି ଦେଇ ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟିଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଟୁଗୁଡ଼ା ଗ୍ରାମରେ ଦୀର୍ଘ ବର୍ଷ ଧରି ଟିଣ ତିଆରି ଘରେ ଶିକ୍ଷାଦାନ କରାଯାଉଥିବା ନେଇ ସରପଞ୍ଚ ଆଲମେ ଫୁଲ ଅଭିଯୋଗ କରିଥିଲେ। ଉକ୍ତ ଗ୍ରାମରେ ନୂତନ ବିଦ୍ୟାଳୟ ଗୃହ ନିର୍ମାଣ ନେଇ ଅର୍ଥ ମଞ୍ଜୁର ହୋଇଛି। କିପରି ଗୃହ ନିର୍ମାଣ ଆରମ୍ଭ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ବ୍ଲକର ସୁଙ୍କି ପଞ୍ଚାୟତରେ ଥିବା ୱିଲମାଉଡି ଗ୍ରାମର ବ୍ରିଜ୍ ଦୀର୍ଘ ବର୍ଷ ହେଲା ଭାଙ୍ଗିପଡ଼ିଥିଲେ ମଧ ସମ୍ପୃକ୍ତ ବିଭାଗ ଏହାକୁ କାର୍ଯ୍ୟକ୍ଷମ କରିବା ଦିଗରେ ପଦକ୍ଷେପ ନେଉ ନ ଥିବା ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ। ଜନଶୁଣାଣି ଶିବିରରେ ଉପସ୍ଥିତ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ହିମାଂଶୁ ଶେଖର ବେହେରାଙ୍କ ଉପରେ ଜିଲାପାଳ ଅଖତର ବିରକ୍ତି ପ୍ରକାଶ କରି ଆସନ୍ତା ୧୦ ଦିନ ମଧ୍ୟରେ କାମ ଆରମ୍ଭ ନ କଲେ ତୁମମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ଶିବିରକୁ ପାନୀୟଜଳ ଅବ୍ୟବସ୍ଥା ସମ୍ପର୍କରେ ଅନେକ ଲିଖିତ ଅଭିଯୋଗ ଆସିଥିଲା। ସମ୍ପୃକ୍ତ ବିଭାଗର ଏସ୍‌ଡିଓଙ୍କ ଉପରେ ଜିଲାପାଳ ଅସନ୍ତୋଷ ପ୍ରକାଶକରି ନିମ୍ନମାନର ପାଇପ ପକାଉଛ, ଏହା ଫାଟିଯାଇ ଲୋକଙ୍କ ପାଇଁ


ଜିଲାପାଳ ଜଣେ ମହିଳାଙ୍କ ଅଭିଯୋଗ ଶୁଣୁଛନ୍ତି ।

### ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି

ସମସ୍ୟା ସୃଷ୍ଟି କରୁଛି। ଏହା ଉପରେ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ତୁମ ବିରୋଧରେ ସରକାରଙ୍କୁ ରିପୋର୍ଟ କରାଯିବ ବୋଲି ଜିଲାପାଳ କହିଥିଲେ। ଶିବିରରେ ଏସ୍‌ପି ଅଭିନବ ସୋନକାର, ସିଡିଏମ୍‌ଓ ଡାକ୍ତର ଅରୁଣ ପାଢ଼ୀ, ଉପଜଲାପାଳ ବେଣୁଧର ଶବର, ବ୍ଲକ ଅଧକ୍ଷା କଳ୍ପନା ପାଙ୍ଗୀ, ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ଜିଲା ପରିଷଦ ସଭ୍ୟ ଲଇଚନ ଖରାଙ୍କ ସମେତ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜିଲାପାଳଙ୍କ ଶୁଣାଣି କାର୍ଯ୍ୟକ୍ରମ ସରିବା ପରେ କୋଟପାଡ ବ୍ଲକର ବଟାସୁନା ପଞ୍ଚାୟତ ଏ. ଗିର୍ଲା ଗ୍ରାମର ବେଣୁ ଚାଲାଣ ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳଙ୍କୁ ସାକ୍ଷାତକରି ନିଜ ସମସ୍ୟା ଜଣାଇବାକୁ ଚାହିଁଥିଲେ ମଧ ସେ ସାକ୍ଷାତ କରି ନ ପାରି ନିରାଶରେ ଫେରିଥିଲେ।

# ଅଭିଯୋଗ ଶୁଣାଣି ପରେ କୋଟିଆ ଗସ୍ତରେ ଗଲେ ଜିଲାପାଳ, ଏସ୍‌ପି

ପଟ୍ଟାଙ୍ଗି,୧୫ା୩(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକରେ ଜନଶୁଣାଣି ପରେ ଜିଲାପାଳ ଅବଦାଲ ଏମ୍. ଅଖତାର ଓ ଏସ୍‌ପି ଅଭିନବ ସୋନକାର କୋଟିଆ ପଞ୍ଚାୟତକୁ ଗସ୍ତକରି ପଞ୍ଚାୟତରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଥିଲେ। ଉଭୟେ ବ୍ରିଟିଶ୍‌ରୋଡ ଦେଇ ପ୍ରଥମେ ତାଡିବାଲସା ଗ୍ରାମରେ ପହଞ୍ଚି ନେରିଡିବାଲସା ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟ ବିଭିନ୍ନ ଆନସଙ୍ଗିକ ବ୍ୟବସ୍ଥା ପରଖିଥିଲେ। ଏହି ସମୟରେ ବିଦ୍ୟାଳୟରେ ଆନ୍ଧ୍ର ରାଜ୍ୟ ପକ୍ଷରୁ ସଂଯୋଗ ହୋଇଥିବା ବିଦ୍ୟୁତ୍ କିଛି ଦିନ ହେଲା ବିଚ୍ଛିନ୍ନ କରାଯାଇଥିବା ଘଟଣାର ସମୀକ୍ଷା କରି କିପରି ବିଦ୍ୟାଳୟକୁ ପୁନଃ ବିଦ୍ୟୁତ୍ ସଂଯୋଗ ହୋଇପାରିବ ସେ ନେଇ ଉପସ୍ଥିତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ସ୍ଥାନରୁ ବାହାରି କୋଟିଆ ପଞ୍ଚାୟତ ଅଭିମୁଖେ ଯିବା ବେଳେ ତାଡିବାଲସା ଗ୍ରାମବାସୀଙ୍କ ଦ୍ୱାରା ସଂଗ୍ରହ ହୋଇଥିବା ତେନ୍ତୁଳିକୁ ଦେଖି ଏହାର ବିକ୍ରି ସମ୍ପର୍କରେ ସେମାନଙ୍କୁ ପଚାରି ବୁଝିଥିଲେ। ସେହିପରି ପାନୁକୁଲୁବାଲସା, ଉପର ସେମ୍ଭି ଗ୍ରାମରେ ଜିଲାପାଳ ଓ ଏସ୍‌ପି ପହଞ୍ଚି ବିଦ୍ୟୁତ୍ ସେବା ସହ ଅନ୍ୟାନ୍ୟ କାର୍ଯ୍ୟ ତଦାରଖ କରିଥିଲେ। କୋଟିଆ ପଞ୍ଚାୟତରେ ନିର୍ମାଣାଧୀନ ମାଡକାର ବ୍ରିଜ୍ କାର୍ଯ୍ୟର ସମୀକ୍ଷା କର ଏହାର କାର୍ଯ୍ୟକୁ ତରାନ୍ୱିତ କରିବାକ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପରେ ଉଭୟେ କୋଟିଆ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟ ନିକଟରେ ଚାଲିଥିବା ଗୃହ ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ। ଏହି ସମୟରେ କୋଟିଆ ସରପଞ୍ଚ ଲିପ୍ଟୁ ଗେମେଲ, ଉପଜିଲାପାଳ ବେଣୁଧର ଶବର, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ, ପିଇଓ କଣ୍ଡା ଗୋଲରି ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ଅଭିମୁଖେ ଫେରିବା ବାଟରେ କୁନ୍ଦୁଲି ହାଟପଦାରେ ଜିଲାପାଳ ନୂତନ ମିଶନ ଶକ୍ତି କାଫେ ଗୃହ ଉଦ୍‌ଘାଟନ କରିଥିଲେ।

### ଉନ୍ନୟନମୂଳକ କାର୍ଯ୍ୟ କଲେ ତଦାରଖ

# କେନାଲରେ ପାଣି ଯୋଗାଇବାକୁ ଦାବିକରି ଚାଷୀଙ୍କ ଶୋଭାଯାତ୍ରା

### ୨ ଦିନ ମଧ୍ୟରେ ପାଣି ନ ମିଳିଲେ ଆନ୍ଦୋଳନ

ଏମ.ଭି୭୯,୧୫ା୫(ଡି.ଏନ.ଏ.)

ଗତ ତିନି ବର୍ଷ ଧରି ବର୍ଷ ରବି ଫସଲ ଅମଳ ବେଳେ କେନାଲ ପାଣି ଅଭାବରୁ ରବି ଫସଲ ଅମଳ ହୋଇପାରୁ ନାହିଁ। ଫଳରେ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ରବିଚାଷ ପୂର୍ବରୁ ୧୦ ହଜାର ହେକ୍ଟର ଚାଷ ଜମିରେ କରାଯାଉଥିବା ବେଳେ ବର୍ତ୍ତମାନ ଏହା ୧୭ ଶହ ହେକ୍ଟରକୁ ଖସି ଆସିଛି। ୩ ବର୍ଷ ହେଲା ପୋଟେରୁ କେନାଲ ଡିଭିଜନର ବିଭିନ୍ନ ପଞ୍ଚାୟତକୁ କେନାଲ ଯୋଗେ ପାଣି ଛଡା ଯାଉ ନ ଥିବାରୁ ଚାଷୀ ବ୍ୟାପକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ସୋମବାର ପଡିଆ କୃଷି କାର୍ଯ୍ୟାଳୟ ଅଧୀନରେ ଥିବା ଏମଭି-୭୯ ସ୍ଥିତ ଜଳସେଚନ କାର୍ଯ୍ୟାଳୟଠାରେ ପ୍ରତାପ ମଣ୍ଡଳ, ନାରାୟଣ ସରକାରଙ୍କ ସମେତ ଶତାଧିକ ଚାଷୀ ଏକାଠି ହୋଇ ଏକ ଶୋଭାଯାତ୍ରାରେ ଯାଇ ବିଭାଗୀୟ ଅଧିକାରୀଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ସରକାର ପ୍ରତ୍ୟେକ ବର୍ଷ ଜଳକର ନେଉଥିବା ବେଳେ ଚାଷୀ ପ୍ରକୃତରେ ପାଣିପାଉଛନ୍ତିକିନାହିଁତାହାର ତଥ୍ୟ ରଖୁନାହାନ୍ତି। କେତେକ ସ୍ଥାନରେ ଚାଷୀଙ୍କ ଜମିକୁ କେନାଲ ପାଣି ଯାଉ ନ ଥିଲେ ମଧ ପ୍ରତିବର୍ଷ ଜଳକର ଦେବାକୁ ପଡୁଥିବା ଚାଷୀ ଅଭିଯୋଗ କରିଛନ୍ତି। ଚଳିତ ବର୍ଷ ଅଳ୍ପ କିଛି ଅଞ୍ଚଳରେ ଲୋକେ ବାଦାମ ଚାଷ କରିଥିବା ବେଳେ ଜଳ ସେଚନ ବିଭାଗ ପକ୍ଷରୁ ଠିକ ସମୟରେ କେନାଲରେ ପାଣି ଛଡା ନ ଯିବାରୁ ଏକର ଏକର ଜମିରେ ବାଦାମ ଚାଷ ନଷ୍ଟ ହେବା ଆରମ୍ଭ ହେଲାଣି। ଚାଷୀଙ୍କ ଶୋଭାଯାତ୍ରାର ନେତୃତ୍ୱ ଜିଲା ଭାଜପା ସଭାପତି ନିମାଇଁ ପାଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ସମୀର ମିସ୍ତ୍ରି ଓ ବିଧାୟକ ପ୍ରତିନିଧି ରାଜ କିଶୋର ମଣ୍ଡଳ ନେଇଥିଲେ। ତୁରନ୍ତ ବିଭାଗ ପକ୍ଷରୁ ୨ ଦିନ ମଧ୍ୟରେ କେନାଲରେ ପାଣି ଛଡାଯିବା ବ୍ୟବସ୍ଥା ନ ହେଲେ ଆଗାମୀ ଦିନରେ ହଜାର ହଜାର ଚାଷୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦେଇଛନ୍ତି। ତୁରନ୍ତ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସହାୟକ ଯନ୍ତ୍ରୀ ପବିତ୍ର ବାଘ ଓ ରୋହନ ସିଂ କହିଛନ୍ତି।


ବିଭାଗୀୟ ଅଧିକାରୀଙ୍କୁ ଚାଷୀ ଦାବିପତ୍ର ଦେଉଛନ୍ତି।

# ବନବାସୀ କଲ୍ୟାଣ ଆଶ୍ରମର ପରିଚୟ ବର୍ଗ

ଜୟପୁର, ୧୫ା୫ (ନି.ପ୍ର.)

ଜୟପୁର ଗେଟଗୁଡାସ୍ଥିତ ଶିକ୍ଷା ବିକାଶ ସମିତି ଭବନରେ କୋରାପୁଟ ବିଭାଗ ପକ୍ଷରୁ ଜୟପୁର ବନବାସୀ କଲ୍ୟାଣ ଆଶ୍ରମର ୩ ଦିନିଦିନିଆ ପରିଚୟ ବର୍ଗ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି । ରାଜ୍ୟ ସଭାପତି ହରି ଚରଣ ବାନରା, ଜିଲା ସଭାପତି ରୁପୁ ଭତ୍ରା, ନଗର ସଭାପତି ଶଶୀ ଭୂଷଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବର୍ଗରେ ଅବିଭକ୍ତ କୋରାପୁଟ ଜିଲାରୁ ୧୭୮ ଜଣ ପ୍ରତିନିଧି ଯୋଗ ଦେଇଥିଲେ। ସମ୍ଭାଗ ସଙ୍ଗଠନ ମନ୍ତ୍ରୀ ରତିକାନ୍ତ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ଭାଟି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ରାଷ୍ଟ୍ର ଗଠନରେ ବନବାସୀ କଲ୍ୟାଣ ଆଶ୍ରମର ଭୂମିକା ସମ୍ପର୍କରେ ଆଲୋକପାତ କରଥିଲେ। ନଗର ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ସମ୍ପାଦକ ପ୍ରଭୁଦାନ ପରଜା, ଧନ ଭତ୍ରା, ମଦନ ମୋହନ ଦିଶାରି, ହରିବନ୍ଧୁ କେନ୍ଦୁ, ମଇନା ଦିଷାରିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।


ପରିଚୟ ବର୍ଗରେ ଅଂଶଗ୍ରହଣ କରିଥିବା ପ୍ରତିନିଧି ।

### ପ୍ରକାଶିତ ଖବର ସମ୍ପର୍କରେ ମତ ରଖିଲେ ନିବନ୍ଧକ ଅଧିକାରୀ

କ୍ରୟକାରୀ ଜାଣୁ ନାହାନ୍ତି ନିଜେ ଜମି ମାଲିକ

ମାଲକାନଗିରି,୧୫ା୫ (ଡି.ଏନ୍.ଏ.)

ମାଲକାନଗିରି ଜିଲା ମାଥିଲି ଥାନା ଅଞ୍ଚଳରେ ଗତ କିଛିଦିନ ତଳେ 'ଜମି କ୍ରୟକାରୀ ଜାଣୁନାହାନ୍ତି ନିଜେ ଜମି ମାଲିକ' ଖବରକୁ ଅସ୍ୱୀକାର କରି ନିଜ ମତ ରଖିଛନ୍ତି ମାଲକାନଗିରି ଜିଲା ନିବନ୍ଧକ ଅଧିକାରୀ । ଏନେଇ ନିବନ୍ଧକ ଅଧିକାରୀ କହିଛନ୍ତି, ପ୍ରକାଶିତ ଖବର ଉପରେ କ୍ରେତା ଓ ଉପନିବନ୍ଧକ ଅଧିକାରୀ ଅନୁସନ୍ଧାନ କରିଛନ୍ତି। ୨୦୧୦ରୁ ଜମିଜମା ଅନ୍‌ଲାଇନ ରେଜେଷ୍ଟ୍ରେସନ ଚାଲିଥିବା ସେମାନେ ଜାଣିବାକୁ ପାଇଛନ୍ତି। ଏଥିପାଇଁ କ୍ରେତା ଓ ବିକ୍ରେତା ଉଭୟେ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ଜରୁରୀ ଅଟେ। ସେମାନେ କମ୍ପ୍ୟୁଟର ସମ୍ମୁଖରେ ରହି ଫଟୋ, ଟିପଚିହ୍ନ ଓ ଦସ୍ତଖତ ଦେଇଥାନ୍ତି। ଯଦି ବିକ୍ରେତା ଅନୁସୂଚିତ ଜନଜାତି ବ୍ୟକ୍ତି ହୋଇଥିବେ ତା'ହେଲେ ଲ୍ୟାଣ୍ଡ ହୋଲଡିଂ ସାର୍ଟିଫିକେଟ ସମ୍ପୃକ୍ତ ଅଞ୍ଚଳର ତହସିଲଦାରଙ୍କଠାରୁ ଆଣି ଦଲିଲରେ ସଂଯୋଗ କରିବା ନିୟମ ରହିଛି। ରେଜିଷ୍ଟ୍ରେସନ ପରେ ସମସ୍ତ ପ୍ରମାଣପତ୍ର ଦଲିଲ ପଛରେ ଲଗାଯାଇଥାଏ। ନିକଟରେ ରେଜିଷ୍ଟ୍ରେସନ ହୋଇଥିବା ନେଇ ପ୍ରକାଶିତ ଖବରରେ ବିକ୍ରେତା ଓ କ୍ରେତା ଉଭୟେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ବୋଲି ନିବନ୍ଧକ ଅଧିକାରୀ ପ୍ରକାଶ କରିଛନ୍ତି।

### ମଦ ଚାଲାଣ ବେଳେ ଚଢ଼ାଉ, ୨ ଗିରଫ

ଜୟପୁର, ୧୫ା୫ (ନି.ପ୍ର.)

ଦେଶୀ ମଦ ଚାଲାଣ ବେଳେ ଏ ସମ୍ପର୍କରେ ସୂଚନା ପାଇ ଜୟପୁର ଅବକାରୀ ବିଭାଗ କର୍ମଚାରୀ ଚଢାଉକରି ୨ ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ବାଗ୍ରାଗୁଡାର ମାଧବ ବଡ଼ନାୟକ (୩୫) ଓ ଘେନୁ ମୁଦୁଲି (୩୨)। ଉଭୟଙ୍କଠାରୁ ୩୦ ଲିଟର ମଦ ଜବତ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଓଆଇସିସଞ୍ଜୀୟ କାଣ୍ଡିକହିଛନ୍ତି।

# କୋରାପୁଟ ଆଞ୍ଚଳିକ ଆର୍ଟ ଗ୍ୟାଲେରିରେ ଚିତ୍ରକଳା ପ୍ରଦର୍ଶନୀ


ଅତିଥିମାନେ ଚିତ୍ରକଳା ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ।

କୋରାପୁଟ,୧୫ା୫(ସ୍ୱ.ପ୍ର.)

କୋରାପୁଟ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରିଠାରେ ସୋମବାର ୨୦୨ କୋବ୍ରା ବାଟାଲିୟନ ପକ୍ଷରୁ ଭାଇବ୍ରାଣ୍ଟ ଟ୍ରାଇବ ଉପରେ ଆଧାରିତ ଏକ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବାଟାଲିୟନର କମାଣ୍ଡାଣ୍ଟ ବୃନୋ ଏ.ଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ପ୍ରଦର୍ଶନୀରେ କୋରାପୁଟ, ମାଲକାନଗିର, ନବରଙ୍ଗପୁର ଜିଲା ସମେତ ରାଜ୍ୟ ତଥା ରାଜ୍ୟ ବାହାରୁ ୨୦ ଜଣ ଚିତ୍ରଶିଳ୍ପୀ ଯୋଗଦେଇ ନିଜ ନିଜ ଚିତ୍ରକଳା ପ୍ରଦର୍ଶନ କରିଥିଲେ। କୋରାପୁଟ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚିତ୍ରଶିଳ୍ପୀମାନଙ୍କୁ ପ୍ରଶଂସା କରି ଉତ୍ସାହିତ କରିଥିଲେ। ଏହି ଅବସରରେ ଅଂଶଗ୍ରହଣ କରିଥିବା ଶିଳ୍ପୀମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଅନ୍ୟତମ ଅତିଥି ରୂପେ ୨୪୧ ବସ୍ତରିଆ ବାଟାଲିୟନର କମାଣ୍ଡାଣ୍ଟ ପଦ୍ମ କୁମାର, ୪ର୍ଥ ସିଆର୍‌ପିଏଫ୍ ବାଟାଲିୟନ କମାଣ୍ଡାଣ୍ଟ ମନୋଜ ଯାଦବ ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନୀରେ କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲା ସମେତ ରାଜ୍ୟ ତଥା ରାଜ୍ୟ ବାହାରୁ ୨୦ ଜଣ ଚିତ୍ରଶିଳ୍ପୀ ଯୋଗଦେଇ ନିଜ ନିଜର ଚିତ୍ର ଆଙ୍କିବା ସହ ସେଗୁଡ଼ିକୁ ପ୍ରଦର୍ଶନ କରିଥିଲେ। ପ୍ରଦର୍ଶିତ ଚିତ୍ରକଳାଗୁଡ଼ିକର ନିଲାମ ବ୍ୟବସ୍ଥା ମଧ କରାଯାଇଥିଲା। ଏଥିରୁ ପ୍ରାପ୍ତ ଅର୍ଥରୁ ଅଧା ଚିତ୍ରକରଙ୍କୁ ପ୍ରଦାନ କରାଯିବାକୁ ଥିବା ବେଳେ ବଳକା ଅର୍ଥ ଶିଶୁମାନଙ୍କ ପାଇଁ କାର୍ଯ୍ୟ କରୁଥିବା ସଂସ୍ଥାକୁ ପ୍ରଦାନ କରାଯିବ ବୋଲି କମାଣ୍ଡାଣ୍ଟ ବୃନୋ ସୂଚନା ଦେଇଥିଲେ। ଅଂଶଗ୍ରହଣ କରିଥିବା ଚିତ୍ରଶିଳ୍ପୀମାନେ ହେଲେ ପଦ୍ମ ଚରଣ ଚୌଧୁରୀ,ଦାଶ ମୁର୍ମୁ, ମନୋଜ ମୁଦୁଲି, କେଶବ ଖରା, ହରି ଖରା, ସ୍ୱାତୀ ଜାନି, ଗୌରୀ ଭୂମିଆ, ପୋନ୍ନାଗାଣ୍ଟି ଶ୍ରୀନିବାସ, ନିବେଦିତା ମହାରଣା, ଲୋକନାଥ ବେହେରା, ଅଶୋକ ପାଣିଗ୍ରାହୀ, ପୁଷ୍ପାଞ୍ଜଳି ବେହେରା, ସୁରେଶ ନାୟକ, ସ୍ମିତା ସିଂ, ଅଜୟ ପାତ୍ର, ସାଇସ୍ମିତା ବେହେରା, ଶକ୍ତିମାନ ପାଣ୍ଡେ, ତ୍ରିନାଥ ମାଝି, ସୁଦର୍ଶନ ନାଗ, ଉମାକାନ୍ତ ମହାରଣା। ସହକାରୀ କମାଣ୍ଡାଣ୍ଟ ପବନ ସିଂ ଓ ଦକ୍ଷିଣା ମୂର୍ତ୍ତି , କଳା ପରାମର୍ଶଦାତା ଏସ୍.ମାନସୀ ସହଯୋଗ କରି ଚିତ୍ରଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ।

### ଆୟୋଜନ କରିଥିଲା ୨୦୨ କୋବ୍ରା ବାଟାଲିୟନ

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର, ୧୫ା୫ (ନି.ପ୍ର.)

ଜୟପୁର ବ୍ଲକ ଅନ୍ତର୍ଗତ ହାଡ଼ିଆଠାରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ସରପଞ୍ଚ, ସମିତି ସଭ୍ୟାସଭ୍ୟ, କନିଷ୍ଠ ଯନ୍ତ୍ରୀ , ପିଇଓ, ଜିଆର୍‌ଏସ୍ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ୍, ହର୍ଟିକଲଚର, କୃଷି ବିଭାଗ ଅଧିକାରୀଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ଆସିଥିବା ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ସମସ୍ୟାର ତୁରନ୍ତ ସମାଧାନ ନେଇ ଅଭିଯୋଗକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# କସନ୍ଦି ପଞ୍ଚାୟତରେ ଜନ ଅଭିଯୋଗ ଶିବିର

ନନ୍ଦପୁର, ୧୫ା୫(ଡି.ଏନ୍.ଏ.)

ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ଦୁର୍ଗମ କସନ୍ଦି ପଞ୍ଚାୟତରେ ଜନ ଅଭିଯୋଗ ଶିବିର ଆୟୋଜନ କରାଯାଇଛି। ବିଡିଓ ସୁଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ପଞ୍ଚାୟତର ମାତ୍ର ୯ ଗୋଟି ସମସ୍ୟା ପଞ୍ଜୀକୃତ ହୋଇଥିଲା। ଉକ୍ତ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସମାଧାନ କରାଯିବ ବୋଲି ବିଡିଓ ମିଶ୍ର କହିଛନ୍ତି। ଏହି ସମୟରେ ଅନ୍ୟମାନଙ୍କ ମଧ୍ୟରେ କସନ୍ଦି ସରପଞ୍ଚ, ସମିତି ସଭ୍ୟ ତଥା ବ୍ଲକ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ, ସମସ୍ତ ୱାର୍ଡସଭ୍ୟ, ବ୍ଲକରେ କାର୍ଯ୍ୟରତ ସମସ୍ତ ସହଯୋଗୀ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏସ୍‌ସିଓ ଅର୍ଜୁନ ମାଝି ଶିବିର ପରିଚାଳନା କରିଥିଲେ।



ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

# କାଜୁ ପ୍ଲାଣ୍ଟେଶନ, ଲେମନ୍ ଗ୍ରାସ୍ ଚାଷ ଦୁର୍ନୀତିର ତଦନ୍ତ ବାଟମଣା

ଚିତ୍ରକୋଣ୍ଡା,୧୫ା୫(ଡି.ଏନ.ଏ.)

ମାଲକାନଗିରିଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ଯୋଡ଼ାମ୍ବ, ପାପରମେଟେଲା ଏବଂ ପଣଷପୁଟ ପଞ୍ଚାୟତ ଅଞ୍ଚଳରେ ଗତ ୧୩ା୩ା୨୩ରିଖରେ ଓଟିଇଏଲପି ପ୍ରକଳ୍ପ ମାଧ୍ୟମରେ କରାଯାଇଥିବା କାଜୁ ଏବଂ ଲେମନ ଗ୍ରାସ୍ ପ୍ଲାଣ୍ଟେଶନରେ ଦୁର୍ନୀତି ହୋଇଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଏହାର ତଦନ୍ତ ଆରମ୍ଭ ହୋଇଥିଲା। ଏନେଇ ପିଏଆଇଟିଡିଏ ତ୍ରିନାଥ ମାଝି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲେ। ତେବେ ଏହି ଦୁର୍ନୀତି ଅଭିଯୋଗକୁ ୨ ମାସ ପୂରିବାକୁ ବସିଥିଲେ ମଧ ଚାଲିଥିବା ତଦନ୍ତ ବାଟମଣା ହୋଇଥିବା ଅଭିଯୋଗ ହେଉଛି। ହିତାଧିକାରୀମାନେ ପୁରୁଣା ବର୍ଷ ଏବଂ ଚଳିତବର୍ଷର କାଜୁ ରକ୍ଷଣାବେକ୍ଷଣ ଓ ପାରିଶ୍ରମିକ (କୁଲି) ବାବଦ ଅର୍ଥ ଏଯାଏ ପାଇନାହାନ୍ତି। ଉକ୍ତ ଅଞ୍ଚଳର କାଜୁ ଏବଂ ଲେମନ ଗ୍ରାସ ଚାଷ କରିଥିବା ହିତାଧିକାରୀଙ୍କୁ ପଚାରିଲେ ତଦନ୍ତ ହୋଇଛିସତ, ମାତ୍ର ଆମେ ଆମ ପ୍ରାପ୍ୟ ଏଯାଏ ପାଇପାରିନୁ ବୋଲି କହିଛନ୍ତି। ଫଳରେ ତଦନ୍ତର ସତ୍ୟତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାଜୁ ଓ ଲେମନ ଗ୍ରାସ୍ କେତେ ଲାଗିଛି, କେତେ ଲୋକ ଉପକୃତ ହୋଇଛନ୍ତି, ସେମାନଙ୍କ ପାରିଶ୍ରମିକ, ରକ୍ଷଣାବେକ୍ଷଣ ବାବଦ ପ୍ରାପ୍ୟ ପାଇଛନ୍ତି କି ନାହିଁ ସେ ସମ୍ପର୍କରେ ଆଇଟିଡିଏ କିଛି ସ୍ପଷ୍ଟ ମତ ରଖିପାରିନାହିଁ। ଏ ନେଇ ପିଏଆଇଟିଡିଏ ମାଝିଙ୍କୁ ପଚାରିବାରୁ ସେ କହିଲେ, ଚଳିତ ବର୍ଷ ଲେମନ ଗ୍ରାସ ଚାଷ ସଫଳ ହୋଇ ନ ଥିବାରୁ କୌଣସି ଟଙ୍କା ପ୍ରଦାନ କରାଯାଇ ନ ଥିବା ଏବଂ ଏ ଦିଗରେ ପଦକ୍ଷେପ ନିଆଯାଉଥିବା କହିଥିଲେ। ୨/୩ବର୍ଷ ତଳୁ ହୋଇଥିବା କାଜୁ ପ୍ଲାଣ୍ଟେଶନର କୁଲି ମଜୁରି ଓ ରକ୍ଷଣାବେକ୍ଷଣ ବାବଦ ପ୍ରାପ୍ୟ ମଧ ହିତାଧିକାରୀଙ୍କୁ ଏଯାଏ ମିଳି ନ ଥିବା ସମ୍ପର୍କରେ ତାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏ ଦିଗରେ ପଦକ୍ଷେପ ନେବି ବୋଲି ସେ ପ୍ରକାଶ କରିଥିଲେ।

ଅନ୍ୟପକ୍ଷରେ ସ୍ୱାଭିମାନ ଅଞ୍ଚଳରେ ଆଇଟିଡିଏ ପକ୍ଷରୁ ଆଦିବାସୀଙ୍କ ଜୀବନ ଜୀବିକାରେ ପରିବର୍ତ୍ତନ ଆଣିବାକୁ ଓଟିଇଏଲପି ପ୍ରକଳ୍ପ ମାଧ୍ୟମରେ ଯେଉଁ କାଜୁ ପ୍ଲାଣ୍ଟେଶନ ଓ ଲେମନ ଗ୍ରାସ ଚାଷ କରାଯାଉଛି ସେଥିରେ ଦୀର୍ଘ ଦିନ ହେଲା ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ମିଳୁନାହିଁ। କାଜୁ ପ୍ଲାଣ୍ଟେଶନ ଏବଂ ଲେମନ ଗ୍ରାସ ଚାଷରେ ଯୋଡ଼ାମ୍ବ ପଞ୍ଚାୟତର ବିହନଗୁଡ଼ି, ଖଜୁରିଗୁଡ଼ା, ସିନ୍ଧିପୁଟ ଓ ପାପରମେଟେଲା ପଞ୍ଚାୟତର ବହୁ ଗ୍ରାମରେ ହୋଇଥିବା କାର୍ଯ୍ୟରେ ବାଟମାରଣା ହୋଇଛି। ସ୍ୱାଭିମାନ ଅଞ୍ଚଳରେ ଚାଷୀଙ୍କ ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚକରୁଥିବା ବେଳେ ଏଠାରେ ବିକାଶ ନାଁରେ ବିନାଶ ଚାଲିଛି। କିଛି ଦିନ ତଳେ ଓଟିଇଏଲ୍‌ପି କାର୍ଯ୍ୟର ସାମାଜିକ ସମୀକ୍ଷା ବେଳେ ଜିଲା ସାମାଜିକ ସମୀକ୍ଷକ ସୁବ୍ରତ ସାମଲ ଏବଂ ଚିତ୍ରକୋଣ୍ଡା ବ୍ଲକ ସାମାଜିକ ସମୀକ୍ଷକ ବେଲାଲସେନ ଗୁଣ୍ଟା ଯୋଡ଼ାମ୍ବ ପଞ୍ଚାୟତର ଖଜୁରିଗୁଡା ଗ୍ରାମରେ ହୋଇଥିବା ପ୍ଲାଣ୍ଟେଶନ କାମ ଦେଖିବାକୁ ଯାଇଥିଲେ। ସିନ୍ଧିପୁଟ ଗ୍ରାମରେ ଲ୍ୟାଣ୍ଡ ଡେଭଲପ୍‌ମେଣ୍ଟ କାର୍ଯ୍ୟର ତଦାରଖରେ ଯାଇଥିଲେ। ବହୁ ଜମିରେ କାଜୁ ଗଛ ନ ଥିବା ଉଭୟେ ଦେଖିବାକୁ ପାଇଥିଲେ। କୌଣସି ଚାଷୀ ଗାତ ଖୋଳା, ପ୍ୟାକେଟିଂ ଓ ରକ୍ଷଣାବେକ୍ଷଣ ବାବଦ ଟଙ୍କା ପାଇ ନ ଥିବା ଜାଣିବାକୁ ପାଇଥିଲେ। ବହୁ ଚାଷୀଙ୍କ ନାମରେ ଜାଲ୍ ଆକାଉଣ୍ଟ ଖୋଲାଯାଇ ଟଙ୍କା ଉଠାଯାଇଥିବା ଜାଣିବାକୁ ପାଇଥିଲେ। ଲ୍ୟାଣ୍ଡ ଡେଭେଲପମେଣ୍ଟ କାମରେ କିଛି ଚାଷୀଙ୍କ କ୍ଷେତ୍ରରେ କାମ ନ ହୋଇ ଚାଷୀଙ୍କ ନାଁରେ ଟଙ୍କା ଉଠାଇ ହଡପ କରାଯାଇଛି। କେତେକ ଚାଷୀଙ୍କ ବ୍ଲକ ମାଧ୍ୟମରେ ଲ୍ୟାଣ୍ଡ ଡେଭଲପମେଣ୍ଟ କାମକୁ ଦେଖାଇ ଏବାବଦ ଟଙ୍କା ଓଟିଇଏଲପିରେ କାର୍ଯ୍ୟ କରୁଥିବା କର୍ମଚାରୀ ଉଠାଇ ନେଇଯାଇଥିବା ସମୀକ୍ଷକ ସାମଲ ଓ ଗୁଣ୍ଟା ସୂଚନା ଦେଇଥିଲେ । ଜିଲା ପ୍ରଶାସନ ଏହାର ଠିକ୍ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ହିତାଧିକାରୀଙ୍କୁ ପ୍ରାପ୍ୟ ପ୍ରଦାନ କରିବାକୁ ସ୍ୱାଭିମାନ ଅଞ୍ଚଳବାସୀ ଦାବି କରିଛନ୍ତି।


ଅଭିଯୋଗ କରୁଥିବା ଚାଷୀ।


ଚାଷୀଙ୍କ ଦ୍ୱାରା ହୋଇଥିବା କାଜୁ ପ୍ଲାଣ୍ଟେଶନ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ।

### ହିତାଧିକାରୀଙ୍କୁ ଏଯାଏ ମିଳିନି ପାରିଶ୍ରମିକ, ରକ୍ଷଣାବେକ୍ଷଣ ବାବଦ ଟଙ୍କା

## ସଂକ୍ଷେପରେ

### ମୃତ୍ତିକା ପରୀକ୍ଷାର ଉପାଦେୟତା, ଆଗୁଆ ସାର, ବିହନ ରଖିବା ନେଇ ଆଲୋଚନା

ବ୍ଲକସ୍ତରୀୟ କୃଷକ ସଚେତନତା କାର୍ଯ୍ୟକ୍ରମ



ପାପଡ଼ାହାଣ୍ଡି,୧୫।୫(ଡି.ଏନ୍.ଏ.)- ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ପାପଡ଼ାହାଣ୍ଡି କୃଷି ସୂଚନା ଓ ପରାମର୍ଶ କାର୍ଯ୍ୟାଳୟ ପରିସରରେ ଏକ ବ୍ଲକସ୍ତରୀୟ ମୃତ୍ତିକା ସଂରକ୍ଷଣ ସମ୍ପର୍କରେ କୃଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ସୌମ୍ୟରଞ୍ଜନ ପାତ୍ରଙ୍କ ଅଧକ୍ଷତାରେ ଜିଲା କୃଷି ଅଧିକାରୀ ଜି.ଭେଙ୍କେଟ ରାଓ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ପାପଡ଼ାହାଣ୍ଡି ଲ୍ୟାମ୍ପ୍ସର ୧୨ ପଞ୍ଚାୟତର ସମସ୍ତ କୃଷକ ସାଥୀ ଏବଂ ୫୦ରୁ ଅଧିକ ଅଗ୍ରଣୀ ଚାଷୀ ଉପସ୍ଥିତ ଥିଲେ। ମୃତ୍ତିକା ସଂରକ୍ଷଣର ନମୁନା ପ୍ରଣାଳୀ, ମୃତ୍ତିକା ପରୀକ୍ଷାର ଉପାଦେୟତା, ଆଗୁଆ ସାର ଓ ବିହନ ଗଚ୍ଛିତ ରଖିବା ସମ୍ବନ୍ଧରେ ଆଲୋଚନା କରାଯାଇଛି। ବୈଠକରେ ନବରଙ୍ଗପୁର ମୃତ୍ତିକା ପରୀକ୍ଷାଗାର ରାସାୟନବିତ ପ୍ରମୋଦ ବେହେରା, ଲ୍ୟାମ୍ପ୍ସ ଏମ୍‌ଡି ଇସ୍ମାଇଲ ସନଫୁଲ, କୃଷି ଅଧିଦର୍ଶକ ରମେଶ ଚନ୍ଦ୍ର ମିଶ୍ର, ଏଟିଏମ ଦେବର୍ଚ୍ଚଣ ଭଞ୍ଜ, ରାଜେଶ ମିଶ୍ର, ପୁନମ ମିଶ୍ର ଉପସ୍ଥିତ ଥିଲେ।

### ପାଳଗଦା ପୋଡ଼ି ନଷ୍ଟ



ପାପଡ଼ାହାଣ୍ଡି,୧୫।୫(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଚେରଚେଟା ପଞ୍ଚାୟତ ଭାଟିକୋଟରେ ସୋମବାର ନିଆଁ ଲାଗି ଅର୍ଜୁନ ଶାନ୍ତାଙ୍କ ପାଳଗଦା ପୋଡ଼ି ନଷ୍ଟ ହୋଇଯାଇଛି। ମଧ୍ୟାହ୍ନରେ ପାଳଗଦାରେ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ବାସିନ୍ଦା ନିଆଁକୁ ଆୟତ୍ତ କରିବାକୁ ଯାଇ ବିଫଳ ହେବା ପରେ ପାପଡ଼ାହାଣ୍ଡି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ୨ ଘଣ୍ଟା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଏଥିରେ ଘର ସବୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପାଳଗଦା ନିକଟରେ ଥିବା ଅଳିଆରେ କେହି ନିଆଁ ଲଗାଇଥିଲେ। ଉକ୍ତ ନିଆଁ ହିଁ ପାଳଗଦାକୁ ଲାଗିଥିବା ସନ୍ଦେହ କରାଯାଉଛି।

# ଅଚଳ ପଡ଼ିଛି ୨ ପାନୀୟ ଜଳ ପ୍ରକଳ୍ପ

**ପାଣି ପାଇଁ ଡହଳବିକଳ ବାଙ୍ଗାପାଲି ରାଜସ୍ୱ ଗ୍ରାମବାସୀ**

- ୭୦୦ ଲୋକଙ୍କୁ ୩ ନଳକୂପ
- ଗୋଟିଏ ତୁଠରେ ଗାଧୋଉଛନ୍ତି ଗୃହପାଳିତ ପ୍ରାଣୀ, ଗ୍ରାମବାସୀ



ନବରଙ୍ଗପୁର,୧୫।୫(ବି.ପ୍ର.)

ଜଳ ହିଁ ଜୀବନ। ପ୍ରତି ଗାଁକୁ ଲୋକଙ୍କ ପାଇଁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇବାକୁ ରାଜ୍ୟ ଓ କେନ୍ଦ୍ର ସରକାର ବ୍ୟାପକ ଅନୁଦାନ ଯୋଗାଉଛନ୍ତି। ଏନେଇ ଅନେକ ଯୋଜନା ମଧ୍ୟ ରହିଛି। ତେବେ ବୈଷୟିକ ତ୍ରୁଟି ଓ ଲାଭଖୋର ଠିକା କାମ ଯୋଗୁ ଯୋଜନା ଫେଲ୍ ମାରୁଛି। ଲୋକେ ପାଇପ୍ ପାଣି ଟୋପାଏ ପାଇ ପାରୁନାହାନ୍ତି। ଏଭଳି ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ସଦର ବ୍ଲକ ପୂଜାରୀଗୁଡା ପଞ୍ଚାୟତ ଅଧୀନ ବାଙ୍ଗାପାଲି ରାଜସ୍ୱ ଗାଁରେ।

ବାଙ୍ଗାପାଲି ଗାଁ ପଞ୍ଚାୟତର ୮ ନମ୍ବର ୱାର୍ଡ। ଏଠାରେ ଘରସଂଖ୍ୟା ୨୦୦ ଓ ଜନସଂଖ୍ୟା ୭୦୦ରୁ ଅଧିକ ହେବ। ଗାଁରେ ୪ଟି ନଳକୂପ ରହିଛି। ସେଥିମଧ୍ୟରୁ ଗୋଟିଏ ନଳକୂପ ପାଣି ପିଇବା ଉପଯୋଗୀ ହୋଇ ପାରୁନାହିଁ। ଏନେଇ ତାହାକୁ ଡାଙ୍କୁଣୀ ଦେଇ ବନ୍ଦ କରିଦିଆଯାଇଛି। ଅନ୍ୟ ୩ ନଳକୂପ ପାଣି ସମସ୍ତଙ୍କ ପାଇଁ ଯଥେଷ୍ଟ ହେଉନାହିଁ। ଗାଁ ପାଖରେ ୩ଟି ପୋଖରୀ ରହିଛି। ସେଥିରୁ ଗୋଟିଏ ପୋଖରୀ ଶୁଖିଲା। ଗୃହପାଳିତ ପ୍ରାଣୀ ଓ ଗାଁ ଲୋକ ଗାଧୋଇବା ପାଇଁ ଉକ୍ତ ପୋଖରୀରେ ଗୋଟିଏ ତୁଠ। ୨ ବର୍ଷ ହେବ ଗାଁର ଉପର ମୁଣ୍ଡ ଓ ତଳମୁଣ୍ଡକୁ ଦୁଇଟି ସୋଲାର ପ୍ରକଳ୍ପ ମାଧ୍ୟମରେ ପାଇପ ପାଣି ଯୋଗାଇବା ପାଇଁ ୧୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଗୋଟିଏ ପ୍ରକଳ୍ପ ପଞ୍ଚାୟତ ପକ୍ଷରୁ କରାଯାଇଥିବାବେଳେ ଅନ୍ୟଟି ଗ୍ରାମ୍ୟ ଜଳଯୋଗାଣ ବିଭାଗ କରିଛି। ଗାଁରେ ସାହି ଗଳିକୁ ପାଇପ୍ ବିଛେଇ ଦିଆଯାଇଛି। ଜନସାଧାରଣ ପାଇପ୍ ପାଣି ନେବା ପାଇଁ ୨ଟି ପିଣ୍ଡିରେ ୪ଟି କନେକ୍‌ସନ ଦିଆଯାଇଛି, କିନ୍ତୁ ପିଣ୍ଡିକୁ ପାଣି ଆସୁନାହିଁ। ପ୍ରତି ଘରକୁ ପାଇପ୍ ପାଣି ସଂଯୋଗ ହୋଇ ପାରିନାହିଁ ବୋଲି ଗାଁର ଦୁଲାର ସିଂ ଭତରା ଓ କୈଳାସ ଭତରା କହିଛନ୍ତି। ପାଣି ସମସ୍ୟା ଉତ୍କଟ ହେବାବେଳେ ବିଭାଗୀୟ ଅଧିକାରୀଙ୍କ ପାଖରେ ଖବରଥାଇ ନୀରବଦ୍ରଷ୍ଟା। ଗ୍ରୀଷ୍ମଋତୁରେ ଜନସାଧାରଣଙ୍କ ପାଇଁ ପାନୀୟ ଜଳ ଅତ୍ୟାବଶ୍ୟକ ରହିଥିବାବେଳେ ଶେଷ ଆଡ଼କୁ ପ୍ରକଳ୍ପଗୁଡ଼ିକର ମରାମତି ପାଇଁ କେତେ ଟଙ୍କା ଖର୍ଚ୍ଚ ହେବ ତାହା ଆକଳନ କରାଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବିଦ୍ୟୁତ ସଂଯୋଗ ପରିବର୍ତ୍ତେ ସୋଲାର ମାଧ୍ୟମରେ ପ୍ରକଳ୍ପରୁ ପାଣି ଉଠାଯାଇ ଯୋଗାଇବା ପ୍ରକଳ୍ପର ଲକ୍ଷ୍ୟ ଥିଲା। ତେବେ ଠିକାଦାର ସହ ବିଭାଗର ସମନ୍ୱୟ ଅଭାବ ଲାଗି ସୋଲାର ପ୍ୟାନେଲଗୁଡ଼ିକ ଖଞ୍ଜିବାର ଗୋଟିଏ ମାସ ମଧ୍ୟରେ ଖରାପ ହୋଇଗଲା। ଏହାର ମରାମତି ୱାରେଣ୍ଟି ସମୟ ସୀମା ମଧ୍ୟରେ କରାଗଲା ନାହିଁ। ସୋଲାର ପ୍ରକଳ୍ପ ମାଧ୍ୟମରେ ପାନୀୟ ଜଳ ଯୋଗାଣ ପାଇଁ ସିଧାସଳଖ ରାଜ୍ୟସ୍ତରରୁ ଟେଣ୍ଡର ହେଉଛି। ଘରୋଇ ଏଜେନ୍ସିମାନେ ନିମ୍ନମାନର ସୋଲାର ପ୍ୟାନେଲ ଖଞ୍ଜି ଦେଇ ଚାଲିଯାଉଛନ୍ତି। ସେମାନଙ୍କ ଉପରେ ଅଙ୍କୁଶ ନ ଥିବାରୁ ପ୍ରକଳ୍ପଗୁଡ଼ିକ ଅକାମୀ ହୋଇ ପଡ଼ିରହୁଛି। ଠିକାଦାର ଓ ଅଧିକାରୀଙ୍କ ମୂଳଚାଲରେ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ପାଇପ୍ ଯୋଗେ ପାନୀୟ ଜଳଯୋଗାଣ ଫେଲ୍ ମାରୁଛି। ଏନେଇ ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ହରିଶ୍ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ଗୋଟିଏ ପ୍ରକଳ୍ପ ପଞ୍ଚାୟତ ଓ ଅନ୍ୟଟି ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ କରାଯାଇଛି। ପ୍ରକଳ୍ପଗୁଡ଼ିକୁ ମରାମତି କରି ସକ୍ଷମ କରିବା ପାଇଁ ଜିଲା ପରିଷଦକୁ ଅନୁଦାନ ପାଇଁ ରିପୋର୍ଟ ପଠାଯାଇଛି। ଆସିଲେ କାମ ହେବ ବୋଲି କହିଛନ୍ତି। ସେହିଭଳି ସୋଲାର ପେନାଲଗୁଡ଼ିକ ୧ ବର୍ଷର ୱାରେଣ୍ଟି ରହୁଛି। ତାହା ଆଉ ମରାମତି ହୋଇ ପାରିବ ନାହିଁ ବୋଲି ସେ କହିଛନ୍ତି।

# ଏସ୍‌ଏଲ୍‌ସି ପ୍ରଦାନରେ ଅନିୟମିତତା ଅଭିଯୋଗ

ନବରଙ୍ଗପୁର,୧୫।୫(ବି.ପ୍ର.)

ଉମରକୋଟ ସହରରେ ଥିବା ଗତିଗୁଡ଼ାର ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲରେ ବିଦ୍ୟାଳୟ ପରିତ୍ୟାଗ ସାର୍ଟିଫିକେଟ(ଏସ୍‌ଏଲ୍‌ସି) ପ୍ରଦାନରେ ଅନିୟମିତତା ହେଉଥିବା ନେଇ ବିଇଓ ବିକାଶ ଚନ୍ଦ୍ର ସରକାଙ୍କୁ ନବରଙ୍ଗପୁର ଜିଲା ଆମ୍ବେଡ଼କର ବିଚାର ମଞ୍ଚର ସଭାପତି ଶରତ ଚନ୍ଦ୍ର ପାଣିଗ୍ରାହୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ପାସ କରିଥିବା ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପରିତ୍ୟାଗ ସାର୍ଟିଫିକେଟ ପ୍ରଦାନ ସମୟରେ ଦସ୍ତଖତ ଓ ସିଲ ନ ମାରି ଦିଆଯାଉଛି। ଉଦ୍ଦେଶ୍ୟ ମୂଳକଭାବେ ଗରିବ ଛାତ୍ରୀଛାତ୍ରଙ୍କୁ ହଇରାଣ କରାଯାଉଛି ବୋଲି ବିଇଓଙ୍କ ନିକଟରେ ଶରତ ଅଭିଯୋଗ କରିଛନ୍ତି। ସେହି ସ୍କୁଲରେ ଅଷ୍ଟମ ଶ୍ରେଣୀ ପାସ କରିଥିବା ଚାନ୍ଦିନୀ ମଙ୍ଗରାଜଙ୍କୁ ପ୍ରଦାନ କରାଯାଇଥିବା ବିଦ୍ୟାଳୟ ପରିତ୍ୟାଗ ସାର୍ଟିଫିକେଟରେ ପ୍ରଧାନ ଶିକ୍ଷୟତ୍ରୀଙ୍କ ଦସ୍ତଖତ, ତାରିଖ ଓ ସିଲ ନ ରହିବା ସହ ପ୍ରଗତି ବିବରଣୀରେ ଏକାଡେମୀକ ବର୍ଷ ମଧ୍ୟ ଉଲେଖ ନ ଥିଲା। ଛାତ୍ର ହିମାଂଶୁ ହରିଜନଙ୍କ ଘର ଘର କଚନିଆମ୍ବ। ତାଙ୍କର ଅଷ୍ଟମ ଶ୍ରେଣୀ ପାସ ଟିସିରେ ଠିକଣା ଠିକ ଥିବାବେଳେ ପ୍ରଗତି ବିବରଣୀରେ ଗୋତିଗୁଡ଼ା ବୋଲି ଉଲ୍ଲେଖ ଥିବା ଅଭିଯୋଗ ହୋଇଛି। ଏପରିକି ଅଷ୍ଟମ ଶ୍ରେଣୀ ପାସ କରିଥିବା ଛାତ୍ରୀଛାତ୍ରମାନେ ଟିସି ନେବା ପାଇଁ ଆସିଲେ ସେମାନଙ୍କୁ ହଇରାଣ କରାଯାଉଥିବା ଶରତ ପାଣିଗ୍ରାହୀ ଅଭିଯୋଗ କରିଛନ୍ତି। ପ୍ରମାଣ ସ୍ୱରୂପ ସମସ୍ତ କାଗଜପତ୍ର ପାଣିଗ୍ରାହୀ ଉମରକୋଟ ବିଇଓ, ନବରଙ୍ଗପୁର ଜିଲାପାଳ, ଡିଇଓ, ୫ଟି ସଚିବଙ୍କୁ ପତ୍ର ଲେଖି ତୁରନ୍ତ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏନେଇ ବିଇଓଙ୍କୁ ପଚାରିବାରୁ ଅଭିଯୋଗ ପରେ ଘଟଣାର ତଦନ୍ତ କରାଯାଇଥିଲା। ଭୁଲ୍‌ବଶତଃ ଚାନ୍ଦିନୀଙ୍କ ପରିତ୍ୟାଗ ସାର୍ଟିଫିକେଟରେ ଦସ୍ତଖତ, ସିଲ୍ ତାରିଖ ଆଦି ନ ଥିଲା। ତାହାକୁ ଠିକ୍ କରାଯାଇଛି। ଅନ୍ୟ ସମସ୍ତ ଛାତ୍ରୀଛାତ୍ରଙ୍କୁ ଠିକ୍ ଏସ୍‌ଏଲ୍‌ସି ଦିଆଯାଇଛି ବୋଲି ସେ କହିଛନ୍ତି।

# ବିଇଓଙ୍କୁ ଶିକ୍ଷକ ସଂଘର ଦାବିପତ୍ର



ବିଇଓ ଶିବଶଙ୍କର ମଣ୍ଡଳ ଦାବିପତ୍ର ଗ୍ରହଣ କରୁଛନ୍ତି।

ଡାବୁଗାଁ, ୧୫।୫ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ପଦୋନ୍ନତି ନେଇ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଇଓ ଶିବଶଙ୍କର ମଣ୍ଡଳଙ୍କୁ ସୋମବାର ପ୍ରଦାନ କରାଯାଇଛି। ଏଥିରେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଚିଠି ନଂ. ୧୦୬୮୬ ତା ୬।୫।୨୩ରେ ପଦୋନ୍ନତି ସମ୍ବନ୍ଧୀୟ ଯେଉଁ କ୍ଲାରିଫିକେଶନ ଦିଆଯାଇଛି ସେଥିରେ ଥିବା ୩ ନଂ. ପଏଣ୍ଟରେ ଯାହା ଉଲ୍ଲେଖ କରାଯାଇଛି ତାହା ୨୦୧୯ କ୍ୟାଡର ରୁଲ୍ କ୍ଲଜ୍ ୮ (ବି)(୨)ର ପରିପନ୍ଥୀ। ପ୍ରକାଶ ଥାଉକି ୨୦୧୯ କ୍ୟାଡର ରୁଲ୍ ପ୍ରକାରେ ଗତ ୨୪।୯।୨୦୨୦ ଓ ୨୬।୧୧।୨୦୨୧ ରେ ଲେଭଲ-ଭି (ବି) ଓ ଲେଭଲ ଆଇଭି (ସବ୍‌ଜେକ୍ଟ ଟିଚର) ଓଟିଇଟି ବିନା ସେମାନଙ୍କୁ ପଦୋନ୍ନତି ଦିଆଯାଇଥିଲା। ଫଳରେ ବର୍ତ୍ତମାନ ସେମାନଙ୍କର ସ୍ଥିତି କ'ଣ ହେବ। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ଜିଲାରେ ବିଭିନ୍ନ ପ୍ରକାର ଚିଠି ବରିଷ୍ଠତାକୁ ନେଇ ଜିଲା ଶିକ୍ଷା କାର୍ଯ୍ୟାଳୟରେ ପ୍ରକାଶ ପାଇଛି ; ଯାହାକି ପଦୋନ୍ନତି କାର୍ଯ୍ୟରେ ବାଧା ସୃଷ୍ଟିକରୁଛି। ସ୍ୱଳ୍ପସମୟ ଲାଗିମିଳିଥିବା ରେସିଡେନ୍ସି ପିରିଅଡ କୋହଳ ଅବଧି ମଧ୍ୟ ଠିକ୍ ଭାବରେ ବିନିଯୋଗ ହୋଇପାରିବ ନାହିଁ ବୋଲି ସଂଗଠନ ଅନୁଭବ କରୁଛି। ଏଣୁ ଉକ୍ତ ଚିଠିର ପରିବର୍ତ୍ତନ କରାଯାଇ କ୍ୟାଡର ରୁଲ୍ ଅନୁଯାୟୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ଦୟାନିଧି ବଞ୍ଜରା, ଉପସଭାପତି ଗୀତାଞ୍ଜଳି ନିହାଲ ଓ ସୂର୍ଯ୍ୟନାରାୟଣ ମାଝି, ସମ୍ପାଦକ ଦିବାକର ବାରିକ, ସହସମ୍ପାଦକ ଦଶରୁ ଭତ୍ରା, ସଙ୍ଗଠକ ସମ୍ପାଦକ ଘାସି ମାଝି, କୋଷାଧ୍ୟକ୍ଷ ନୀଳକଣ୍ଠ ମାଝି, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ମାଝି ଓ ପଦ୍ମନାଭ ପୂଜାରୀ, ଧନସିଂ ତନ୍ତୀ, ଧଳେନ୍ଦ୍ର ଦ୍ୱାରୀ, ସୌଭାଗ୍ୟ ବିଶ୍ୱାଳ ଓ ବହୁ ଶିକ୍ଷକ ଉପସ୍ଥିତ ଥିଲେ।

# ଅଭିଯୋଗ ଶୁଣିଲେ, ସହାୟତା ଦେଲେ

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି
- ପୁଷ୍ଟିଖାଦ୍ୟ ଷ୍ଟଲରେ ମାଣ୍ଡିଆ ଖିରି ଖାଇଲେ ଜିଲାପାଳ

ଝରିଗାଁ,୧୫।୫(ସ୍ୱ.ପ୍ର.)



ଜିଲାପାଳ ପୁଷ୍ଟିଖାଦ୍ୟ ଷ୍ଟଲରେ ଏସ୍‌ଏଚ୍‌ଜି ମହିଳାଙ୍କ ସହ ଆଲୋଚନା କରୁଛନ୍ତି।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ସୋମବାର ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲାପାଳ କମଳଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝରିଗାଁ ପଞ୍ଚାୟତ ସମିତିର ବିଭିନ୍ନ ଅଞ୍ଚଳରୁ ଜିଲାପାଳଙ୍କୁ ଭେଟି ନିଜର ତଥା ନିଜ ଅଞ୍ଚଳର ସମସ୍ୟା, ଆପତ୍ତି ଅଭିଯୋଗ ଜଣାଇବା ପାଇଁ ଆସିଥିବା ୨୩ ଜଣଙ୍କର ନାମ ପଞ୍ଜୀକରଣ କରାଯାଇଥିଲ। ସେଥିମଧ୍ୟରୁ ୧୮ ଜଣଙ୍କର ବ୍ୟକ୍ତିଗତ ଓ ୫ଟି ଗୋଷ୍ଠୀଗତ ଆପତ୍ତି ଅଭିଯୋଗ ରହିଥିଲା। ଜିଲାପାଳ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ଲାଗି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୩୫ ଜଣ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ସ୍ଥାନୀୟ ହର୍ଷଟ୍ରଷ୍ଟ ସଂସ୍ଥା ସହାୟତାରେ ପଞ୍ଚାୟତ ସମିତି ପରିସରରେ ଓଡ଼ିଶା ମିଲେଟ୍ ମିଶନ ପକ୍ଷରୁ ପୁଷ୍ଟିଖାଦ୍ୟ ଷ୍ଟଲ୍ କରାଯାଉଛି। ସେଠାରେ ମଙ୍ଗଳିଗୁଡ଼ା ଗ୍ରାମର ମା' ମାଉଳି ଏବଂ ମା' ଲକ୍ଷ୍ମୀ ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ମାଣ୍ଡିଆ ଖିରି ଜିଲାପାଳ ଖାଇଥିଲେ। ଆଗାମୀ ଦିନରେ ଝରିଗାଁ ବ୍ଲକ୍ ସଦରରେ ମାଣ୍ଡିଆରେ ପ୍ରସ୍ତୁତ ବରା, ଇଡ୍‌ଲି, ମିଠା, ଆରିସା, ଖିରି ଆଦି ଖାଦ୍ୟ କିପରି ସାଧାରଣ ଲୋକଙ୍କୁ ଦିଆଯାଇପାରିବ ସେଥିପ୍ରତି ଜିଲାପାଳ ଗୁରୁତ୍ୱ ଦେଇଥିଲେ।

# ତେନ୍ତୁଳିଖୁଣ୍ଟି ବ୍ରାହ୍ମଣ ସମାଜର ୨୭ତମ ବୈଠକ

ତେନ୍ତୁଳିଖୁଣ୍ଟି, ୧୫।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ବ୍ରାହ୍ମଣ ସମାଜର ୨୭ତମ ବୈଠକ ବ୍ଲକ ବ୍ରାହ୍ମଣ ସମାଜ ସଭାପତି ସନ୍ତୋଷ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଛି। ପରବର୍ତ୍ତୀ ବୈଠକ ଝରିଗୁମ୍ମାରେ କରାଯିବ। ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ହୋଇଥିବା ବୈଠକରେ ହରିହର ମିଶ୍ର ମୁଖ୍ୟ ଅତିଥି, ପ୍ରମୋଦ ଦାଶ ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ସଂଯୋଜନା ଉପସଭାପତି ଗୋପୀନାଥ ମହାନ୍ତି କରିଥିଲେ। ସମ୍ପାଦକ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ସନାତନ ସଂସ୍କୃତି ର ଅବକ୍ଷୟକୁ ରୋକିବାରେ ବ୍ରାହ୍ମଣ ଙ୍କ ଭୂମିକା ମୁଖ୍ୟ। ଏଣୁ ପ୍ରଥମେ ବ୍ରାହ୍ମଣ ସଂସ୍କାରିତ ହେବାକୁ ପଡ଼ିବ। ଆଚରଣ ଉଚ୍ଚାରଣ ବେଶ ମାର୍ଜିତ, ସଂସ୍କୃତି ଉପଯୋଗୀ ହେବାକୁ ପଡିବ ବୋଲି ବୈଠକରେ ଅତିଥିମାନେ କହିଥିଲେ। ପୂଜା ପଦ୍ଧତି ଓ କର୍ମକାଣ୍ଡ ଦିଗରେ ବ୍ରାହ୍ମଣ ସମାଜର ବର୍ତ୍ତମାନ ପିଢ଼ି ଅଜ୍ଞ। ସେମାନଙ୍କୁ ତାଲିମ ବ୍ୟବସ୍ଥା କରିବାକୁ ମୁଖ୍ୟବକ୍ତା ପରାମର୍ଶ ଦେଇଥିଲେ। ଗରିବ ବ୍ରାହ୍ମଣ ପିଲାଙ୍କ ବ୍ରତ କରିବାକୁ ବ୍ରାହ୍ମଣ ସମାଜ ପ୍ରସ୍ତୁତ। ଆଗ୍ରହୀ ପିତା ମାତା ଯୋଗାଯୋଗ କରିବା ପାଇଁ ସଭାପତି ସନ୍ତୋଷ କୁମାର ଚୌଧୁରୀ କହିଛନ୍ତି। ବୈଠକରେ ପ୍ରମୋଦ ଦାସ, ବସନ୍ତ ପାଣିଗ୍ରାହୀ, କୁଳମଣି ମିଶ୍ର, ଶ୍ରୀନିବାସ ମିଶ୍ର, ସୁବ୍ରତ ଚୌଧୁରୀ ପ୍ରମୁଖ କହିଛନ୍ତି। ପ୍ରଦୀପ ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ତେନ୍ତୁଳିଖୁଣ୍ଟି, ପୂଜାରିଗୁଡା, ଅଞ୍ଚଳଗୁମ୍ମା, ଝରିଗୁମ୍ମା, କୁକୁଡ଼ାବାଇ, ଇନ୍ଦ୍ରାବତୀ, ଦିଗି ସଲପା ଗ୍ରାମରୁ ବ୍ରାହ୍ମଣ ଦେବତା ଯୋଗଦେଇଥିଲେ।

# ଖରାରୁ ଆଶ୍ୱସ୍ତି ନେଇ ଶ୍ରୀଜୀଉଙ୍କୁ ଦହି ପଖାଳ ଲାଗି

ଉମରକୋଟ, ୧୫।୫(ସ୍ୱ.ପ୍ର.)

ଗ୍ରୀଷ୍ମ ପ୍ରବାହରୁ ଆଶ୍ୱସ୍ତି ପାଇଁ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ଦେବୋତ୍ତର କମିଟି ପକ୍ଷରୁ ଉମରକୋଟସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀ ଜୀଉମାନଙ୍କୁ ଦହି ପଖାଳ ଲାଗି କରାଯାଇଛି। ମାଟି କୁଡୁଆରେ ଦହି ପଖାଳ ଓ ଆଠ ପ୍ରକାର ବ୍ୟଞ୍ଜନକୁ ମୁଖ୍ୟ ପୁରୋହିତ ଗୌରହରି ମିଶ୍ର, ଲାଲୁ ମିଶ୍ର, କୃଷ୍ଣଚନ୍ଦ୍ର ଦାଶ ଲାଗି କରିଥିଲେ। ପରେ ପ୍ରସାଦକୁ ନିମନ୍ତ୍ରିତ ଶ୍ରଦ୍ଧାଳୁ ଓ ବଦାନ୍ୟ ବ୍ୟକ୍ତିଙ୍କୁ ପରଷା ଯାଇଥିଲା। ଏହି ଦହି ପଖାଳ ଓ ଆଠ ପ୍ରକାର ବ୍ୟଞ୍ଜନକୁ ସୁଶୀଳ ପଣ୍ଡା ପ୍ରସ୍ତୁତ କରିଥିଲେ। ନିମନ୍ତ୍ରିତ ଅତିଥିଭାବେ ଅତିରିକ୍ତ ଜିଲା ଜଜ୍ ଗିରିଜା ପ୍ରସାଦ ମହାପାତ୍ର, ବରିଷ୍ଠ ସିଭିଲ ଜଜ୍ ନିରଞ୍ଜନ ପାତ୍ର, ପୌରାଧକ୍ଷା ରାଧା ଭତରା, ଉପାଧ୍ୟକ୍ଷ ସୁଧାଂଶୁ ଦାଶ, ପୂର୍ବତନ ଏମ୍‌ପି ବଳଭଦ୍ର ମାଝି, ବିଡିଓ ଡ ହିମାଞ୍ଚଳ ମାଝି, ଅତିରିକ୍ତ ତହସିଲଦାର ଡ. ଉମେଶ ଚନ୍ଦ୍ର ପୂଜାରୀ ଯୋଗ ଦେଇଥିଲେ। କମିଟିର ସଭାପତି ତଥା ତହସିଲଦାର ତୁଳା ମୁଦୁଲି, ଉପସଭାପତି ଜୟଦେବ ପରିଡ଼ା, ସମ୍ପାଦକ ରାମ ନାୟକ, କୋଷାଧ୍ୟକ୍ଷ ବିଘ୍ନରାଜ ସାନ୍ତ୍ରା, ଉପଦେଷ୍ଟା ରମେଶଚନ୍ଦ୍ର ସାହୁ, ସଦସ୍ୟ ଶାନ୍ତନୁ ସିଂ, ଅର୍ଜୁନ ନାୟକ, ଟୁଲୁ ସାହୁ, ରଜତ ସାନ୍ତ୍ରା, ମୋହନ ମିଶ୍ର, ସୁରେଶ ବାଣୁଆ, ରତ୍ନାକର ନାୟକ, ଯତୀନ ପଣ୍ଡା, ସତ୍ୟ ପଟ୍ଟନାୟକ, ଭବାନୀ ଶଙ୍କର ପଟ୍ଟନାୟକ, ବାବୁଲା ମୁଦୁଲି, ବିନୋଦ ମହାନ୍ତି, ଲକ୍ଷ୍ମୀକାନ୍ତ ନାୟକ, ମନୋଜ ଜୈନ, ମୁନା ସାହୁ, ବାବୁଲି ସାହୁ, ଶିବ ପାଳ, ପଙ୍କଜିନୀ ପଟ୍ଟନାୟକ, ଜୟନ୍ତୀ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ୱିତୀୟ ଦିନରେ ନାମ ପଞ୍ଜୀକରଣ କଲେ ୩୦୬ ରୋଗୀ

**ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା**



ନବରଙ୍ଗପୁର,୧୫।୫ (ବି.ପ୍ର)

ନବରଙ୍ଗପୁର ଜିଲାରେ ଚାଲିଥିବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବାର ଦ୍ୱିତୀୟ ଦିନରେ ୩୦୬ ଜଣ ରୋଗୀଙ୍କ ନାମ ପଞ୍ଜିକରଣ କରାଯାଇଛି। ରାଜ୍ୟର ବଛାବଛା ବିଶେଷଜ୍ଞ ଡାକ୍ତର ଟିମ୍ ରୋଗୀଙ୍କ ଚିକିତ୍ସା କରୁଛନ୍ତି। ଦ୍ୱିତୀୟ ଦିନରେ ୭ଜଣ ସୁପର ସ୍ପେସିଆଲିଷ୍ଟ ଆସି ପହଞ୍ଚିବା ପରେ ମଙ୍ଗଳବାରରୁ ରୋଗୀଙ୍କ ଚିକିତ୍ସା କରାଯିବ। ୧୭ ତାରିଖ ଅପରାହ୍ନ ୨ଟାରେ ହେଲିକପ୍ଟର ଯୋଗେ ଭୁବନେଶ୍ୱରକୁ ଫେରିଯିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ପ୍ରଥମ ଦିନ ବିଶେଷଜ୍ଞ ଡାକ୍ତର ରୋଗୀଙ୍କ ଚିକିତ୍ସା କରି କେଉଁମାନଙ୍କର ଜରୁରୀ କାଳୀନ ଅସ୍ତ୍ରୋପଚାର ଓ ଚିକିତ୍ସା ଆବଶ୍ୟକ ରହିଛି ତାହା ଚୟନ କରିଥିଲେ। ନବରଙ୍ଗପୁର ଜିଲା ଡାକ୍ତରଖାନା ପରିସରର ନବନିର୍ମିତ କୋଠାରେ ଏହି କାର୍ଯ୍ୟକ୍ରମ ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମରେ ସିଡିଏମ୍‌ଓ କାଳୀପ୍ରସାଦ ବେହେରା, ନୋଡାଲ ଅଧିକାରୀ ଡ଼ଃ ସୁକାନ୍ତ ଶତପଥୀ, ଜଗନ୍ନାଥ ରଥ, ପ୍ରଦୀପ ଦଳେଇଙ୍କ ସମେତ କିଛି ଅନ୍ୟ ଅଧିକାରୀ, କର୍ମଚାରୀ, ଜିଲା ସ୍ୱାସ୍ଥ୍ୟକେନ୍ଦ୍ର, ଜିଲାର କେତେକ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର,ଫାର୍ମାସିଷ୍ଟ, ନର୍ସ, ଆଟେଣ୍ଡାଣ୍ଟ, ଲ୍ୟାବ ଟେକ୍ନିସିଆନ, ସଫେଇ କର୍ମଚାରୀଙ୍କ ସମେତ ବହୁ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଦେବଦେବୀଙ୍କୁ ସନ୍ତୁଷ୍ଟ କଲେ ଭଲ ଫସଲ, ସୁଖ ମିଳିବା ବିଶ୍ୱାସ

ପାପଡାହାଣ୍ଡି,୧୫।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଡ଼େଙ୍ଗାଗୁଡ଼ା ପଞ୍ଚାୟତ ଭଣ୍ଡିଆ ଗ୍ରାମର ପାଟ ବାଲିଯାତ୍ରା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ବାଲିଯାତ୍ରା ଗତ ଫେବୃୟାରୀ ୧୫ ତାରିଖରେ ଆରମ୍ଭ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଆଖପାଖ ଗ୍ରାମରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଗ୍ରାମର ଦେବଦେବୀଙ୍କୁ ସନ୍ତୁଷ୍ଟ କଲେ ଭଲ ଫସଲ, ରୋଗ ବ୍ୟାଧୀ ପ୍ରବେଶ ନ କରିବା ସହ ସଦାସର୍ବଦା ସୁଖଶାନ୍ତି ବଜାୟ ରହିବା ବିଶ୍ୱାସ ନେଇ ଏହି ବାଲିଯାତ୍ରା କରାଯାଉଛି। ଭଣ୍ଡିଆର ମୁଖ୍ୟ ଆରାଧ ଦେବତାଙ୍କ ସହିତ ଗ୍ରାମର ଅନ୍ୟ ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ୩ ମାସ ଧରି ବାଲିଯାତ୍ରା ପଡିଆରେ ପୂଜାର୍ଚ୍ଚନା କରାଯାଥିଲା। ବାଲିଯାତ୍ରା ଅବସର ନିକଟ ଭଣ୍ଡିଆ ନଦୀରୁ ବାଲି ସଂଗ୍ରହ ପରେ ସେଥିରେ ବିଭିନ୍ନ ବିହନ ଶସ୍ୟ ପକାଯାଇ ୧୫ ଦିନ ରଖାଯାଇଥିଲା। ଉକ୍ତ ବିହନ ଗଜା ହୋଇଥିଲା। ମହିଳାମାନେ ଉକ୍ତ ବାଲି ଚାଙ୍ଗୁଡ଼ି ମୁଣ୍ଡରେ ଧରି ଶୋଭାଯାତ୍ରାରେ ବାଲିଯାତ୍ରା ପଡ଼ିଆରେ ପହଞ୍ଚି ଥିଲେ। ବିହନ ଯେତେ ଭଲ ଗଜା ହେବ ଫସଲ ସେତେ ଭଲ ହେବ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଉଦ୍‌ଯାପନୀ ଉତ୍ସବରେ ଦୁଇଟି ଆଦିବାସୀ ନାଟକ କରାଯାଇଛି। ବାଲିଯାତ୍ରା କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ମୋକିଆ ସରପଞ୍ଚ ଜଗଜ୍ଜୀବନ ନାୟକ, ମୋକିଆ ପୂର୍ବତନ ସମିତି ସଭ୍ୟ ଯୁଗଳ କିଶୋର ବିଷୋୟୀ, ଉର୍ମିଳା ନାୟକ ପ୍ରମୁଖ ଯୋଗଦେଇଥିଲେ। ବାଲିଯାତ୍ରା ପରିଚାଳନା କମିଟି ରବି ସିଂଘ ପୂଜାରୀ, ଲକି ପୂଜାରୀ, ବନସିଂଘ ନାୟକ, ଲକି ଭତରା, ନରସିଂହ ଭତରା, ଲମ୍ବୋଦର ନାୟକ, ମୋହନ ଦାସ, ପୂରଣ ଭତରା, ମଙ୍ଗଳରାଜ ଭତରା, ଚନ୍ଦର ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।



ଭଣ୍ଡିଆ ପାଟ ବାଲିଯାତ୍ରାରେ ଶ୍ରଦ୍ଧାଳୁମାନେ ବାଲି ଚାଙ୍ଗୁଡ଼ି ଧରି ଶୋଭାଯାତ୍ରାରେ ଯାଉଛନ୍ତି।

# ଗାଁ ସମସ୍ୟା ବୁଝୁନାହାନ୍ତି ସରପଞ୍ଚ, ବିଡିଓଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ

ନନ୍ଦାହାଣ୍ଡି,୧୫।୫( ଡି.ଏନ୍.ଏ.)



ବିଡିଓଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ନିର୍ବାଚନ ସମୟରେ ସମସ୍ତ ସମସ୍ୟାର ସମାଧାନ ଏବଂ ଗାଁରେ ବିକାଶମୂଳକ କାର୍ଯ୍ୟ କରିବା ପ୍ରତିଶ୍ରୁତି ଦେଇ ଭୋଟ ନେଲେ ସରପଞ୍ଚ। କିନ୍ତୁ ଏହାପରେ ଆଉ ଗାଁରେ ପାଦ ପଡୁନି । ସ୍ଥାନୀୟ ଲୋକଙ୍କ ସମସ୍ୟା ବୁଝିବାକୁ ସେ ଚେଷ୍ଟା କରୁନାହାନ୍ତି। ବ୍ଲକ ପ୍ରଶାସନ ଆଗରେ ଏପରି ଅଭିଯୋଗ କରିଛନ୍ତି ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ପଡ଼ାଲଗୁଡା ପଞ୍ଚାୟତ ୱାର୍ଡ ନଂ ୧୦. ୧୧ ତଥା ନୀଳକଣ୍ଠଗୁଡ଼ା, ଗେଲାଗାଦବାଗୁଡ଼ା ଓ ନୂଆଗୁଡ଼ା ଗ୍ରାମବାସୀ। ଗାଁର ବିଭିନ୍ନ ସମସ୍ୟା ନେଇ ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଲିଖିତଭାବେ ଅଭିଯୋଗ କରିଛନ୍ତି ୱାର୍ଡମେମ୍ବର ଦିବା ଜାନୀ ଏବଂ ଗ୍ରାମବାସୀ।

ଗ୍ରାମରେ ରାସ୍ତା, ପୋଖରୀ, ପାନୀୟ ଜଳ, ବିଦ୍ୟାଳୟ ପାଚେରି ନ ଥିବା ଭଳି ଅନେକ ମୌଳିକ ସମସ୍ୟା ସମାଧାନ କରିବା ନିହାତି ଜରୁରୀ ହୋଇ ପଡିଥିବାବେଳେ ଲୋକ ପ୍ରତିନିଧି କିମ୍ବା ପ୍ରଶାସନର ନଜର ପଡୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଦିବ୍ୟାଙ୍ଗଙ୍କୁ ଠିକ ଭାବେ ଭତ୍ତା ମିଳୁ ନ ଥିବା, ହରିଶ୍ଚନ୍ଦ୍ର ଯୋଜନାରେ ମିଳୁଥିବା ସହାୟତା ଟଙ୍କା ଠିକ ସମୟରେ ପହଞ୍ଚୁ ନ ଥିବା, ଅନେକ ଲୋକଙ୍କ ଆଧାରକାର୍ଡ ହୋଇ ପାରି ନ ଥିବାରୁ ସରକାରଙ୍କ ବିଭିନ୍ନ ଯୋଜନାରୁ ସେମାନେ ବଞ୍ଚିତ ରହୁଥିବା ଗ୍ରାମବାସୀ କହିଛନ୍ତି। ଲେବର କାର୍ଡ କରିବା ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡ଼ିଲେ ମଧ୍ୟ ତାହା ମିଳିପାରୁନଥିବାରୁ ଲୋକେ କାମ ପାଉନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଅତିଶୀଘ୍ର ସମସ୍ତ ସମସ୍ୟାର ଅନୁଧ୍ୟାନ କରି ବିଭାଗୀୟ ଅଧିକାରୀଙ୍କୁ ପଠାଇ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ବିଡିଓ ସାହୁ କହିଛନ୍ତି। ଏ ନେଇ ସରପଞ୍ଚଙ୍କୁ ପଚାରିବାରୁ ମଙ୍ଗଳବାର ଗାଁକୁ ଯାଇ ଲୋକଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମାଧାନ କରିବାକୁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

